ପୁଣିଥରେ ଟାଇଟଲ ଜିତିବା ଲକ୍ଷ୍ୟରେ ଏମ୍ଏସ୍ ଧୋନି !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୫୦ • ୧୬ ମାର୍ଚ୍ଚ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-50 • 16th March 2024, Saturday • Bhubaneswar

Licensed to post without pre-payment of postage No- BN-60/22-24






### ବରଗଡ ଚିନିକଳ ଜମି ଇଡକୋକୁ ହସ୍ତାନ୍ତର ହେବ

# ଆଗାମୀ ଦିନରେ ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୩**

**ନ୍ୟୁଜ୍ ବ୍ୟୁରୋ**

ବରଗଡସ୍ଥିତ ଚିନିକଳ ଜମିକୁ ଇଡକୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଇଡକୋ ଏହି ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ପଦକ୍ଷେପ ନେବ।

ସୂଚନାଯୋଗ୍ୟ ଯେ ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେସିନ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା। ସେଥିପାଇଁ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ।



ଏହି ନିଷ୍ପତ୍ତି ଅନୁଯାୟୀ ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ ଏକର ଜମି ପାଇଁ ଇଡକୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି। ବରଗଡର ଅତିରିକ୍ତ ଜିଲ୍ଲାପାଳ ତଥା ବରଗଡ କୋ-ଅପରେଟିଭ ସୁଗାର ମିଲ୍ସର ଲିକ୍ୟୁଡେଟରଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି । ବାକି ସବୁ ଜମି ବିବାଦମୁକ୍ତ ହେବାପରେ ଇଡକୋକୁ ହସ୍ତାନ୍ତର କରାଯିବ।

ଏଠାରେ ସୂଚନାଯୋଗ୍ୟ ପରିଚାଳନାଗତ ଅବ୍ୟବସ୍ଥା ଏବଂ ବିଭିନ୍ନ କାରଣରୁ ଦୀର୍ଘ ଦିନ କ୍ଷତିରେ ଚାଲିବା ପରେ ବରଗଡ ସମବାୟ ଚିନିକଳ ବନ୍ଦ ହୋଇଯାଇଥିଲା। ତେବେ ସରକାର ଏହି ଚିନିକଳ ଜମିରେ ନୂଆ ଶିଳ୍ପ ବିଶେଷକରି କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯୋଜନା ରଖିଛନ୍ତି।

### ଏସବିଆଇକୁ ସୁପ୍ରିମକୋର୍ଟଙ୍କ ତାଗିଦ

# ନିର୍ବାଚନ ବଣ୍ଡର ପୂରା ତଥ୍ୟ କାହିଁକି ଦେଇନ ?

**ନୂଆଦିଲ୍ଲୀ, ୧୫।୩**

ନିର୍ବାଚନ ବଣ୍ଡ ଉପରେ ସମ୍ପୂର୍ଣ୍ଣ ତଥ୍ୟ ଦେଇ ନ ଥିବାରୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆକୁ ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । କାହିଁକି ପୂରା ତଥ୍ୟ ଦେଇନାହଁ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ପାଞ୍ଚ ବର୍ଷର ଡାଟା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ ଆୟୋଗ ପକ୍ଷରୁ କରାଯାଇ ଥିବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏସବିଆଇକୁ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏସବିଆଇ ନିର୍ବାଚନ ଆୟୋଗଙ୍କୁ ଇଲେକ୍ସନ ବଣ୍ଡ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଦେଇନଥିବା ଅଭିଯୋଗ ହୋଇଥିଲା। ଏନେଇ ଇଲେକ୍ସନ କମିଶନ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହା ଉପରେ ଶୁଣାଣି କରିଥିଲେ। ଶୁଣାଣି ସମୟରେ ଅଦାଲତ ଏସବିଆଇକୁ ତୁରନ୍ତ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ପାଞ୍ଚ ବର୍ଷ ମଧ୍ୟରେ କେଉଁମାନେ ରାଜନୈତିକ ଦଳମାନଙ୍କୁ କେତେ ଚାନ୍ଦା ଦେଇଛନ୍ତି, ସେ ବାବଦରେ ପୂରା ଡାଟା ନିର୍ବାଚନ ଆୟୋଗଙ୍କୁ ତୁରନ୍ତ ଦେବାକୁ ନିର୍ଦ୍ଦେଶ ଦେବା ସହ ବଣ୍ଡ ନମ୍ବର ମଧ୍ୟ ପ୍ରକାଶ କରିବାକୁ କହିଛନ୍ତି। ଏଥିସହ ମାର୍ଚ୍ଚ ୧୮ରେ ପରବର୍ତ୍ତୀ ଶୁଣାଣି ସମୟରେ କାହିଁକି ତଥ୍ୟ ଦେବାରେ ଅବହେଳା କରାଯାଇଛି, ସେ ବାବଦରେ ସ୍ୱଷ୍ଟୋକ୍ତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ।

ପ୍ରକାଶ ଥାଉ କି, ଗତ ମାସ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ଇଲେକ୍ଟୋରାଲ ବଣ୍ଡର ଡାଟା ଦେବାକୁ ଏସବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମାର୍ଚ୍ଚ ୧୫ ସନ୍ଧ୍ୟା ୫ଟା ସୁଦ୍ଧା ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ନିର୍ବାଚନ ଆୟୋଗଙ୍କୁ କହିଥିଲେ। ଏହାର ଗୋଟିଏ ଦିନ ପୂର୍ବରୁ, ଅର୍ଥାତ ଗୁରୁବାର ନିର୍ବାଚନ ଆୟୋଗ ୱେବସାଇଟରେ ଡାଟା ଅପଲୋଡ କରିସାରିଛି। କିନ୍ତୁ ଏସବିଆଇ ଅସମ୍ପୂର୍ଣ୍ଣ ଡାଟା ଦେଇଥିବା ନିର୍ବାଚନ ଆୟୋଗ ଅଭିଯୋଗ କରିଛି।

# ଭୁବନେଶ୍ୱରକୁ ଏୟାରଲିଫ୍ଟ ହେଲେ ପ୍ରସନ୍ନ ଆଚାର୍ଯ୍ୟ



**ଭୁବନେଶ୍ୱର, ୧୫।୩**

**ନ୍ୟୁଜ୍ ବ୍ୟୁରୋ**

ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ କରାଯାଇଛି। ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଏୟାରଲିଫ୍ଟ କରାଯାଇଛି । ପ୍ରସନ୍ନ ଆଚାର୍ଯ୍ୟଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଗୁରୁବାର ବିଳମ୍ବିତ ରାତିରେ ପ୍ରସନ୍ନଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାତି ପ୍ରାୟ ସାଢେ ୧୨ଟା ସମୟରେ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବରଗଡ଼ ଫେରୁଥିବାବେଳେ ରେଢାଖୋଲ ବେଲଡିହି ନିକଟରେ ଏକ *(ଭିତର ପୃଷ୍ଠାରେ)*




ଏଲଏଲସିସି କପ୍ : ପ୍ରଥମ ରାଉଣ୍ଡରୁ ପ୍ରଗତି ସ୍ପୋର୍ଟିଂ ଓ ଏମ୍‌ସିସି ବିଦା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫୦ ● ୧୬ ମାର୍ଚ୍ଚ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-50 ● 16th March 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24




# ପୁଣି ସୁପ୍ରିମ୍‌କୋର୍ଟ କଲେଜିୟମ୍, କେନ୍ଦ୍ର ମତଭେଦ

**ନୂଆଦିଲ୍ଲୀ, ୧୫।୩**

କେରଳ ହାଇକୋର୍ଟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ସମର୍ଥକଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବା ନେଇ କେନ୍ଦ୍ର ସରକାରଙ୍କ ଆପତ୍ତିକୁ ଖାରଜ କରି ସୁପ୍ରିମ୍‌କୋର୍ଟ କଲେଜିୟମ କହିଛନ୍ତି ଯେ କେବଳ ରାଜନୈତିକ ଅତୀତ କାରଣରୁ ଜଣେ ପ୍ରାର୍ଥୀଙ୍କୁ ବିଚାରପତି ପଦରୁ ବଞ୍ଚିତ କରାଯାଇପାରିବ ନାହିଁ । ପ୍ରଧାନବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ତଥା ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ବିଆର ଗୱାଇଙ୍କୁ ନେଇ ଗଠିତ କଲେଜିୟମ କେରଳ ହାଇକୋର୍ଟର



ବିଚାରପତି ଭାବେ ପଦୋନ୍ନତି ପାଇଁ ଅନୁସୂଚିତ ଜାତିର ଆଇନଜୀବୀ ମନୋଜ ପୁଲମ୍ବି ମାଧବନଙ୍କ ପ୍ରାର୍ଥିତ୍ୱ ଉପରେ ବିଚାର କରୁଥିବା ବେଳେ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବିଚାରପତିମାନଙ୍କ ଦ୍ୱାରା ଉପଯୁକ୍ତ ସାବ୍ୟସ୍ତ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଆପତ୍ତି ଉଠାଇଥିଲେ।

ସୂଚନା ଅନୁଯାୟୀ, ମନୋଜ ପୁଲମ୍ବି ମାଧବନଙ୍କୁ ସିପିଆଇ(ଏମ୍) ସମର୍ଥକ ଭାବେ ବିବେଚନା କରାଯାଏ। ତାଙ୍କୁ ୨୦୧୦ ଓ ୨୦୧୬-୨୦୨୧ରେ ଏଲଡିଏଫ ସରକାର ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଥିଲେ। ତେଣୁ ତାଙ୍କୁ ବିଚାରପତି ଭାବେ ପଦୋନ୍ନତି ଦେବାକୁ କେନ୍ଦ୍ର ଆପତ୍ତି ଉଠାଇଥିବା ବେଳେ କଲେଜିୟମ ଏହାକୁ ଗ୍ରହଣ କରିନାହିଁ। ପୂର୍ବରୁ କଲେଜିୟମର *(ଭିତର ପୃଷ୍ଠାରେ)*

# ପୂର୍ଣ୍ଣ ସହାୟତାପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକଙ୍କ ଏମ୍‌ଏସିପି-ପିଏଚ୍‌ଡି ପାଇଁ ସରଳ ହେଲା ନିୟମାବଳୀ

**ଭୁବନେଶ୍ୱର, ୧୫।୩**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ସେବା ସୁବିଧା ଅନୁମୋଦନ କରିଛନ୍ତି। ପୂର୍ଣ୍ଣ ସହାୟତା ପାଉଥିବା ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସୁବିଧା ପାଇଁ ଓଡିଶା ସଂଶୋଧିତ ବେତନ ହାର ନିୟମ, ୨୦୧୭ ଅନୁସାରେ ପ୍ରଦାନ କରାଯାଉଥିବା ପରିବର୍ତ୍ତିତ ନିଶ୍ଚିତ କ୍ୟାରିୟର ପ୍ରଗତି ଯୋଜନା



(ଏମ୍‌ଏସିପି)କୁ ସରଳ କରାଯାଇଛି । ଏବେ ୧୦୦% ଅନୁଦାନ ପାଇବା ତାରିଖ ପରିବର୍ତ୍ତେ ପ୍ରଥମ ଅନୁଦାନ ମିଳିବା ଦିନକୁ ଭିତ୍ତି କରି *(ଭିତର ପୃଷ୍ଠାରେ)*

## ମା' ଉଗ୍ରତାରାଙ୍କ ମନ୍ଦିର ଉନ୍ନତିକରଣ ପାଇଁ ହେଲା ଶିଳାନ୍ୟାସ

**ଖୋର୍ଦ୍ଧା, ୧୫।୩ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଅନ୍ୟତମ ଶକ୍ତି ପୀଠ ଖୋର୍ଦ୍ଧା ଟାଙ୍ଗି ବ୍ଲକ ମୂଳିଝର ଗଡ଼ରେ ଥିବା ମା' ଉଗ୍ରତାରାଙ୍କ ମନ୍ଦିର ଓ ଏହାର ଉନ୍ନତିକରଣ ସହ ମା'ଙ୍କ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ହୋଇଛି ଶିଳାନ୍ୟାସ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହାର ଶିଳାନ୍ୟାସ ହୋଇଛି। ୨୫ କୋଟି ଟଙ୍କା ବ୍ୟୟରେ ମା' ଉଗ୍ରତାରାଙ୍କ ପୀଠର ସୌନ୍ଦର୍ଯ୍ୟକରଣ ହେବ।

ଉଗ୍ରତାରାଙ୍କ ମନ୍ଦିର ୧୬ନଂ ଜାତୀୟ ରାଜପଥଠାରୁ ୩ କିଲୋମିଟର ଦୂର ସହ ଭୂଷଣ୍ଡପୁର ରେଳ ଷ୍ଟେସନ ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ। ବହୁ ପୁରାତନ ମନ୍ଦିର ହୋଇଥିବାରୁ ପ୍ରତ୍ୟେକ ଦିନ ଏଠାରେ ଭକ୍ତଙ୍କର ଭିଡ଼ ଜମେ। ତେଣୁ ଭକ୍ତଙ୍କ *(ଭିତର ପୃଷ୍ଠାରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ରାଜ୍ୟସ୍ତରୀୟ ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା
# ୪୫ଟି ଦକ୍ଷତାରେ ପ୍ରତିଭା ଦେଖାଇଲେ ୭୦୦ରୁ ଅଧିକ ଛାତ୍ରଛାତ୍ରୀ




**ଭୁବନେଶ୍ୱର, ୧୫।୩ : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଓ କଟକର ୮ଟି କେନ୍ଦ୍ରରେ ଦୁଇଦିନ ଧରି ଚାଲିଥିଲା ଓଡ଼ିଶା ସ୍କିଲ୍ସ ରାଜ୍ୟସ୍ତରୀୟ ପ୍ରତିଯୋଗିତା । ଏଥିରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ, ପଲିଟେକନିକ ଏବଂ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନରୁ ଆସିଥିବା ୭୦୦ରୁ ଅଧିକ ଛାତ୍ରଛାତ୍ରୀ ମୋଟ ୪୫ଟି ଦକ୍ଷତାରେ ସେମାନଙ୍କ ପ୍ରତିଭା ଦେଖାଇଥିଲେ।

ରାଜ୍ୟ ସରକାରଙ୍କ ସ୍କିଲ୍ଡ ଇନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ପ୍ରତିବର୍ଷ ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା କରାଯାଉଛି। ଓଡ଼ିଶାର ଯୁବପିଢିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି ତାହା ପ୍ରଦର୍ଶନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ବଡ଼ ମାଧ୍ୟମ ସାଜିଛି । ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନେ ଇଣ୍ଡିଆ ସ୍କିଲ୍ସ *(ଭିତର ପୃଷ୍ଠାରେ)*

# ଆଜି ଘୋଷଣା ହେବ ଲୋକସଭା ନିର୍ବାଚନ ତାରିଖ

**ନୂଆଦିଲ୍ଲୀ, ୧୫।୩ : ନ୍ୟୁଜ୍ ବ୍ୟୁରୋ**

ଶନିବାର ଘୋଷଣା ହେବ ଲୋକସଭା ନିର୍ବାଚନ ତାରିଖ । ନିର୍ବାଚନ ଆୟୋଗ ଶନିବାର ଅପରାହ୍ନ ୩ଟାରେ ଲୋକସଭା ନିର୍ବାଚନର ତାରିଖ ଘୋଷଣା କରିବେ। ଏହା ସହିତ କେତେକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନର ତାରିଖ ମଧ୍ୟ ଘୋଷଣା କରାଯିବ। ଓଡ଼ିଶା, ସିକ୍କିମ, ଅରୁଣାଚଳ ପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।



ନିର୍ବାଚନ ଆୟୋଗର ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହାର ସିଧା ପ୍ରସାରଣ ହେବ। ଜଣାପଡିଛି ଯେ ସାତରୁ ଆଠଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ।

ଉଲ୍ଲେଖଯୋଗ୍ୟ, ୨୦୧୯ରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଗତ ଥର ନିର୍ବାଚନ ଆୟୋଗ ମାର୍ଚ୍ଚ ୧୦ରେ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଏହା ସହ ପ୍ରଥମ ପର୍ଯ୍ୟାୟ ଭୋଟ ଏପ୍ରିଲ ୧୧ରେ ହୋଇଥିଲା ଏବଂ ଶେଷ *(ଭିତର ପୃଷ୍ଠାରେ)*

# ଫୋର୍ବସ୍‌ରେ ସ୍ଥାନ ପାଇଲେ ମାଲକାନଗିରି ଝିଅ ଜୟନ୍ତୀ




**ମାଲକାନଗିରି, ୧୫।୩ : ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ଫୋର୍ବସ ପକ୍ଷରୁ ଦେଶର ୨୩ଜଣ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଛି। ଏହି ତାଲିକାରେ ବିଶ୍ୱ ବ୍ୟାଙ୍କ ଏମଡ଼ି ଓ ସିଏଫ୍‌ଓ ଅନଶୂଳା କାନ୍ତ, କ୍ରିକେଟର ଦୀପ୍ତି ଶର୍ମା, ହିନ୍ଦୀ ସିନେମା ଜଗତର ଚର୍ଚ୍ଚିତ ଚେହେରା କ୍ରୀତି ସାନୋନ ଓ ଚେସ ଗ୍ରାଣ୍ଡମାଷ୍ଟର ଆର୍. ବୈଶାଳୀଙ୍କ ଭଳି ୨୩ଜଣ ଶକ୍ତିଶାଳୀ ମହିଳା ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଏକମାତ୍ର ମହିଳା ଭାବେ ମାଲକାନଗିରି ଜିଲ୍ଲାର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି । ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନଡବ୍ଲ୍ୟୁଏମଆଇରୁ ଫେଲୋସିପ୍ ଗ୍ରହଣ କରିଥିଲେ ଏବଂ ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ *(ଭିତର ପୃଷ୍ଠାରେ)*



# ୧୧ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍ କାର୍ଡ଼ ମିଳିବା ହେବ କଷ୍ଟକର

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଚଳିତ ବର୍ଷ ନଭେମ୍ବରରେ ହେବାକୁ ଯାଉଛି। ରିପବ୍ଲିକାନ୍ ପାର୍ଟିର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୱାଶିଂଟନ ରାଜ୍ୟରେ ଆବଶ୍ୟକ ହେଉଥିବା ୧୨୧୫ ଡେଲିଗେଟସ୍ ଙ୍କ ସମର୍ଥନ ହାସଲ କରି ସାରିଛନ୍ତି। ଅପରପକ୍ଷରେ ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ଜୋ ବାଇଡେନ ଆବଶ୍ୟକ ହେଉଥିବା ୧୯୬୮ ଡେଲିଗେଟସଙ୍କ ସମର୍ଥନଠାରୁ ଯଥେଷ୍ଟ ଅଧିକ ୩୯୩୩ ଡେଲିଗେଟସଙ୍କ ସମର୍ଥନ ପାଇଛନ୍ତି।

ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ନେଇ ଭାରତୀୟଙ୍କ ପାଇଁ ଏକ ଚିନ୍ତାର ବିଷୟ ସାମ୍ନାକୁ ଆସିଛି। ଯଦି ଟ୍ରମ୍ପ୍ ନିର୍ବାଚନରେ ବିଜୟୀ ହୁଅନ୍ତି ତେବେ ଆମେରିକାରେ ବାସ କରୁଥିବା ୧୧ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍ କାର୍ଡ ମିଳିବା କଷ୍ଟକର ହେବ ବୋଲି କୁହାଯାଉଛି। ଏହା ସହିତ ଆମେରିକା ସହିତ ବ୍ୟବସାୟ କରିବା ପାଇଁ ଅଧିକ ଟିକସ ମଧ ଦେବାକୁ ପଡ଼ିବାରେ।

ଆମେରିକାରେ ବସବାସ କରିବାକୁ ଯୋଜନା କରୁଥିବା ଭାରତୀୟଙ୍କ ପାଇଁ ଟ୍ରମ୍ପ୍ ପୁଣି ଫେରିବା ସଙ୍କଟ ଆଣିବ ବୋଲି କୁହାଯାଉଛି। ଟମ୍ପ୍‌ଙ୍କ ରିପବ୍ଲିକ୍ ପାର୍ଟିର ରୁଢ଼ିବାଦୀ ଗୋଷ୍ଠୀ ପ୍ରୋଜେକ୍ଟ-୨୦୨୫ ନାମକ ଏକ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ବୈଧ ପ୍ରବାସୀୟଙ୍କ ପାଇଁ ଭିସା ଏବଂ ଗ୍ରୀନ୍ କାର୍ଡ ପ୍ରଦାନ ଲାଗି କଠୋର ସର୍ତ୍ତର ପ୍ରସ୍ତାବ ରଖାଯାଇଛି।

ଟ୍ରମ୍ପ୍‌ଙ୍କ ରାଜନୈତିକ ପରାମର୍ଶଦାତା ଷ୍ଟିଫନ ମିଲର ଏବଂ ହେରିଟେଜ ଫାଉଣ୍ଡେସନ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସ୍ତାବରେ ଇମିଗ୍ରେସନ ଖାରଜ କରିବାର ନିଷ୍ପତ୍ତି ଅଧିକ ସହଜ ହେବ। ଏହା ଲାଗୁ କରିବାକୁ ସଂସଦର ମଞ୍ଜୁରୀର ଆବଶ୍ୟକତା ମଧ ରହିବ ନାହିଁ। ଏହା ଦ୍ୱାରା ଗ୍ରୀନ୍ କାର୍ଡ ପାଇଁ ପ୍ରତୀକ୍ଷା କରିଥିବା ଭାରତୀୟଙ୍କ ସମସ୍ୟା ବଢ଼ିଯିବ ବୋଲି କୁହାଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅି ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ-୩୬

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ବିବାହ ସ୍ଥିର ପାଇଁ ଜ୍ଞାତିଜନଙ୍କ ସଭା

ବିବାହ କାର୍ଯ୍ୟନିର୍ଘଣ୍ଟ ଔପଚାରିକ ଭାବେ ସ୍ଥିର କରିବା ପାଇଁ ସୋମାଙ୍କ ପିତାମହ (ପାତାଳ ପୁରର ରାଜା) ଜ୍ଞାତିଜନଙ୍କ ସଭାର ଆହ୍ୱାନ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ଆସିବାପରେ ସଭା ଆରମ୍ଭ ପର୍ଯ୍ୟନ୍ତ କ'ଣ କ'ଣ ହେଲା ତା'ର ସଂକ୍ଷେପ ବର୍ଣ୍ଣନା ଚଳିତ ଗୀତରେ କରାଯାଇଛି। ଏହି ଗୀତଟି ଅତି ଅଳ୍ପ ସଂଖ୍ୟକ ଟ/ଠରେ ଆରମ୍ଭ ଶବ୍ଦକୁ ପ୍ରତ୍ୟେକ ପଦର ପ୍ରତ୍ୟେକ ଧାଡିର ଆଦ୍ୟ ଶବ୍ଦରେ ରଖି ଲେଖାଯାଇଛି। ଏଣୁ ଏ କଷ୍ଟରଚିତ ଗୀତଟିକୁ ପଠନ କରନ୍ତୁ।

ଟମଟମ ଘୋର ଶବ୍ଦେ
ପ୍ରାସାଦ କଂପିତ ହେଲା
ଟମକ ସଭା ପୂର୍ବରୁ
ଯେବେ ଯେ ନାଦ କରିଲା ।।୧।।

ଟଣଟଣ ହୋଇ ଘଂଟି
ବାଜେ କିଛି କାଳ ପରେ
ଟପ ଟାପ ବାହାରିଲେ
ସର୍ବେ ବିନା ବିଳମ୍ବରେ ।।୨।।

ଠୁଳ ହେଲେ ସଭାଗୃହେ
ସୋମାଙ୍କର ଜ୍ଞାତିଜନ
ଠାବକଲେ ଏକ ଏକ
ରାଜା ଦେଖି ଉପସ୍ଥାନ ।।୩।।

ଟେକ ରଖି କୌଣ୍ଡିନ୍ୟଙ୍କ
ଘରୁ ପାଛୋଟି ଆଣିଲେ
ଠିକ୍ ସମୟରେ ବୀର
ସଭାଗୃହେ ପହଞ୍ଚିଲେ ।।୪।।

ଟୁପୁରୁ ଟାପର ହେଲେ
ତାଙ୍କୁ ଦେଖି ନାରୀଗଣ
ଠିକ୍ ଦେଖି ସୌମ୍ୟରୂପ
ଯାହାର ନାହିଁ ବର୍ଣ୍ଣନ ।।୫।।

ଟାହି ଟାପରା କରିଣ
ସୋମାଙ୍କୁ ଯେ ପଚାରନ୍ତି
ଠାବ କରି ଏ ବୀରଙ୍କୁ
କେଉଁଠୁ ତୁ ଆଣି ଅଛୁ ।।୬।।

ଠକି କରି ତୁ ଆମ୍ଭଙ୍କୁ
ଏତେଦିନ ଲୁଚାଉଛୁ
ଠେକିରେ ମୁହଁ ରଖିଣ
ଲୁଚିକି ଦୁଧ ପିଉଛୁ ।।୭।।

ଠିକି ରହ ଏ ବୀରଠି
କରି ପ୍ରେମ ଆଜୀବନ
ଟେକ ରଖିବ ତୋର ସେ
ଦେଇ ହୃଦେ ଉଚ୍ଚାସନ ।।୮।।

ଠିଆ ହେଲେ ଏ ସମୟେ
ସଭାକୁ ଆସି କୌଣ୍ଡିନ୍ୟ
ଠିକ୍ ମତେ ନତଶୀରେ
କଲେ ରାଜାଙ୍କୁ ପ୍ରଣାମ ।।୯।।

ଟାପୁ ପାତାଳ ରାଜନ
ଦେଖିଣ ବୀରଙ୍କ କାନ୍ତି
ଠିକ୍‌ରେ ନେଆଙ୍ଗ୍ ବର
ବାଛିଚି ବୋଲି କହନ୍ତି ।।୧୦।।

ଟେକ ରଖି ପ୍ରଣମନ୍ତି
ବୀର ସୋମାଙ୍କ ସ୍ୱଜନେ
ଠଉରି ତାଙ୍କ ନମ୍ରତା
ଅତି ପ୍ରସନ୍ନ ସେମାନେ ।।୧୧।।

ଠିକଣା ମତେ ଉଦ୍ଦିଷ୍ଟ
ଦୁଇ ଆସନ ଉପରେ
ଟେକ ଶୀରେ ବୀର ବୀରା
ବସିଲେ ନୃପ ପାଶରେ ।।୧୨।।

ଠିକ୍ ମତେ କୌଣ୍ଡିନ୍ୟଙ୍କ
ବନ୍ଦାପନା କରାଗଲା
ଟିକିଏ ହେଲେ ନ କରି
କୌଣସି ହିଁ ଅବହେଳା ।।୧୩।।

ଠୁଳ ଜ୍ଞାତିଙ୍କୁ ସମ୍ବୋଧି
ତା'ପରେ ନାଗ ରାଜନ
ଠିଆ ହୋଇ ଆରମ୍ଭିଲେ
ସେ ଦିନର କାର୍ଯ୍ୟମାନ ।।୧୪।।

ଟଂକ ମହେନ୍ଦ୍ର ଅଂଚଳ
ବୀର ଅତୀବ ପ୍ରସନ୍ନ
ଟ ଠ ଆଦ୍ୟ ଶବ୍ଦେ ରଖି
ସମାପେ ଦୁର୍ଗାଚରଣ ।।୧୫।।



**ଶବ୍ଦାର୍ଥ**

**ପଦ (୧)ରୁ (୫) :** ପ୍ରାସାଦ-ରାଜନଅର। ଟମକ-ଏକବାଦ୍ୟ। ଟପ୍ ଟାପ୍-ଶୀଘ୍ର ଏକ ପରେ ଏକ। ଠୁଳ-ଏକାଠି, ରୁଣ୍ଡ। ଜ୍ଞାତିଜନ-ନିଜ କୁଟୁମ୍ବର ନିକଟ ଲୋକ। ଟେକ-ସମ୍ମାନ। ସୌମ୍ୟ- ସୁଂଦର।

**ପଦ (୬)ରୁ (୧୦) :** ଟାହିଟାପରା -ଥଟ୍ଟା। ଠେକି-ଘଡି। ଠିକିରହ-ଲାଗି ରହ। ନତଶୀରେ-ମୁଣ୍ଡ ନୁଆଁଇ। ଟାପୁ-ଦ୍ୱୀପ। ଟାପୁପାତାଳ ରାଜନ- ପାତାଳ ଦ୍ୱୀପର ରାଜା ଯେ କି ସୋମାଙ୍କ ପିତାମହ। ନେଆଙ୍ଗ୍-ସୋମାଙ୍କ ଖମେର୍ ଭାଷାର ମୂଳ ନାମ।

**ପଦ (୧୧)ରୁ ଶେଷ :** ଠଉରି-ଦେଖିକରି। ଠିକଣା ମତେ- ଠିକ୍ ଭାବରେ। ଟିକିଏ-ଅଳ୍ପ। ନାଗ ରାଜନ-ନାଗବଂଶୀ ପାତାଳର ରାଜା। ଟଂକ ମହେନ୍ଦ୍ର ଅଂଚଳ-ଗଞ୍ଜାମ ଜିଲ୍ଲାର ମହେନ୍ଦ୍ର ପର୍ବତ ଅଂଚଳର ବୀର ହେଉଛନ୍ତି କୌଣ୍ଡିନ୍ୟ (ଇତିହାସ ଅନୁସାରେ) ।

# ସାଙ୍ଗିଆ

ପ୍ରଦୀପ୍ତ କୁମାର ମିଶ୍ର
ଅରେଇ, ଯାଜପୁର
ମୋ-୯୬୫୮୬୧୪୭୨୮

ସାଙ୍ଗିଆଟା ନିହାତି ରହିବା ଆବଶ୍ୟକ, ବିନା ସାଙ୍ଗିଆରେ ଯେ ଦୁନିଆ ଚଳେନି ଏକଥା ସମସ୍ତେ ଉପଲବ୍ଧି ଅବଶ୍ୟ କରିଥିବେ। ଆଜିକାଲି ଗଣ ମାଧମରେ ସମ୍ବାଦ ପରିବେଷଣ ବେଳେ ସାଙ୍ଗିଆର ମହତ୍ତ୍ୱକୁ ଉପଲବ୍ଧି କରିହୁଏ। ବୋଧହୁଏ ଏହା ଅନ୍ୟତମ ଓ ତାଙ୍କର ତଥା ବ୍ୟକ୍ତିର ଅନନ୍ୟ ପରିଚୟ। ଶିକ୍ଷକ, ଶିକ୍ଷାବିତ, ସମାଜସେବୀ, ଜ୍ୟୋତିର୍ବିଜ୍ଞାନୀ, ଜ୍ୟୋତିର୍ବିଦ, ସାହିତ୍ୟିକ, କବି, ଗାଳ୍ପିକ, ସମାଲୋଚକ, ବ୍ୟଙ୍ଗକବି ଇତ୍ୟାଦି ଇତ୍ୟାଦି ଯଦି ସାଙ୍ଗିଆ କିଛି ନମିଳିଲା ତେବେ ସମାଜସେବୀ ଲେଖିବାର କୌଣସି ଅସଙ୍ଗତି ନାହିଁ। ହଠାତ ଯାହା ପାଟିରୁ ବାହାରିଲା ସେହିଟା ତାଙ୍କର ପରିଚୟ ହୋଇଯାଏ। ଗୋଟିଏ ସମ୍ବାଦରେ ଜଣେ ବିଭିନ୍ନ କଦର୍ଯ୍ୟ କାମରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ସମ୍ମାନର ସହ ସମାଜସେବୀ ଅମୁକ ସମ୍ବୋଧନ କରି ଲେଖା ଯାଇଥିଲା। ସାମ୍ବାଦିକ ବନ୍ଧୁଙ୍କୁ ପଚାରିବାରେ ସେ କହିଲେ ଆମେ କ'ଣ ତାଙ୍କ ନାମପୂର୍ବରୁ ଚୋର ନା ତସ୍କର ଲେଖିବୁ। ଯେହେତୁ ସେ ରାଜନୈତିକ ବ୍ୟକ୍ତିବିଶେଷ ତାଙ୍କୁ ସମାଜସେବୀ ଲେଖିବା ଆମର କର୍ତ୍ତବ୍ୟ। ଏବେ ଅବଶ୍ୟ ସମାଜ ସଂସ୍କାରକ କଥାଟା କାନକୁ ବେଶ ଭଲ ଶୁଭୁଛି। ସଂସ୍କାରକମାନେ ସଂସ୍କାରର ବାଣୀ ଶୁଣେଇ ଚାଲିଗଲେ। ଆମେ ସେମାନଙ୍କ ପଦାଙ୍କ ଅନୁସରଣ କରି ତାଙ୍କ କଥାକୁ ଦୋହରାଉଛୁ ମାତ୍ର, ଆଉ ତ ସଂସ୍କାର ସେମିତି ନାହିଁ। ଏବେ ନିଶାର ଅରାଜକତା ବେଶ୍ ବ୍ୟାପିଛି। ତାକୁ ବନ୍ଦ କରିବା ପାଇଁ ଆମର ଉଦ୍ୟମ ହାସ୍ୟାସ୍ପଦ କହିଲେ ଠିକ୍ ହେବ। କିନ୍ତୁ ନିଶା ବିରୁଦ୍ଧରେ ଗପିବା ବହୁତ ସହଜ, ଗପିଲେ ବି କିଏ ଶୁଣିବ। ଏମିତି ବହୁତ ଲୋକ ଗପୁଛନ୍ତି।

ସମ୍ପ୍ରତି ପ୍ରବଚକ ମାନଙ୍କର ଘୋର ବୃଦ୍ଧି ଅବଶ୍ୟ ଘଟୁଛି। ସବୁଆଡେ ପ୍ରବଚନର ଚାହିଦା, ଭଲ କଥା କିନ୍ତୁ ଲୋକ ଶୁଣନ୍ତି ସବୁ ଭୁଲିଯାଆନ୍ତି। ଯେତେବେଳେ ସେମାନେ ସେହି ସମାଗମରୁ ଫେରନ୍ତି ପୁଣି ଯେଉଁକଥାକୁ ସେହି କଥା। ଗୋଟିଏ ଶୁଣାକଥା କୁହାଯାଏ। ଥରେ ଶ୍ମଶାନରେ ଜଣେ ଧନୀବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଶବକୁ ଶୋଭାଯାତ୍ରାରେ ନେଇ ତାଙ୍କର ଜ୍ଞାତି କୁଟୁମ୍ବ ଓ ନିଜଲୋକମାନେ ପୋଡୁଥାନ୍ତି। ପୋଡ଼ିଲା ବେଳେ ତାଙ୍କର ଦର୍ଶନର ଅବତାରଣା କରୁଥାନ୍ତି। କ'ଣ ଭାଇ ଅଛି ଏଜୀବନରେ ସମସ୍ତେ ଦିନେ ମରିବା। ଏତେ ଧନସମ୍ପଦ କ'ଣ କେହି ନେଇକରି ଯିବକି ? କେବଳ ପରବର୍ତ୍ତୀ ବଂଶଧରଙ୍କ ପାଇଁ ସେମାନେ ଶ୍ମଶାନ ପର୍ଯ୍ୟନ୍ତ ଆସିବେ ମାତ୍ର। ତା'ପରେ ପ୍ରେତର ଭୟ,ଏହାକହି ସେମାନଙ୍କର ବୈରାଗ୍ୟ ମନୋଭାବ ସୃଷ୍ଟିହେଲା। କ'ଣ ଅଛି ଏ ଜୀବନରେ। କିଛି ନେଇକି ଯିବା ନା କିଛି କିଏ ବନେଇକି ଦେଇଦେବ ଯେ ? କେବଳ ସୁସମ୍ପର୍କ ସବୁଠୁଁ ବଡ଼ ସମ୍ପଦ ସିନା। ହରିନାମ ଧରିଲେ ବରଂ ସ୍ୱର୍ଗପ୍ରାପ୍ତ ହୋଇପାରେ।

ଏହାକହି ସେମାନେ ଶ୍ମଶାନ କର୍ମ ସାରି ବାଟରେ ଆସିବାବେଳେ ତାଙ୍କ ମଧ୍ୟରେ ଯିଏ ଦର୍ଶନ ଝାଡୁଥିଲେ ତାଙ୍କରି ବାଡ଼ିରେ ଗୋଟିଏ ବାଛୁରୀ ପଶି ଚାରାଗଛ ଖାଉଥିଲା। ଏହାଦେଖି ବ୍ୟକ୍ତିଙ୍କର କ୍ରୋଧ ପଞ୍ଚମ ହୋଇଗଲା। ସେ ତୁରନ୍ତ ବାଛୁରୀଟିକୁ ଧରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ତା'ର ଦେହରେ କାଦୁଅ ବୋଳିଦେଲେ। ତାଙ୍କର ସେହିଠାରେ ହିଁ ବୈରାଗ୍ୟ ଚେତନା ଲୋପ ହେଲା। ଯଦି ଶ୍ମଶାନ ବୈରାଗ୍ୟ କିଛିବାଟ ପର୍ଯ୍ୟନ୍ତ ରହିଥାନ୍ତା ସେହି ମଣିଷ ନୈତିକ ଆଦର୍ଶ ସମ୍ପନ୍ନ ସହାନୁଭୂତି ଶୀଳ ହୋଇପାରିଥାନ୍ତା। ଆଜିକାଲି କେତେକଙ୍କର ପ୍ରବଚନ ଶୁଣିବା ଏକ ବୈରାଗ୍ୟ କିନ୍ତୁ ଶ୍ମଶାନ ବୈରାଗ୍ୟ। ଚକ ଚକ ଆଲୁଅରେ ସୁନ୍ଦର ପେଣ୍ଡାଲରେ ଭକ୍ତମାନଙ୍କୁ ସଂସାରର ମଞ୍ଜକଥା କହୁଥିବା ଲୋକଟି ମଧ ନିଜର ସ୍ୱତନ୍ତ୍ରତା ବଜାୟ ରଖିପାରେନା। ପାଲାଗାୟକ ଅନେକ କବିଙ୍କର ଉକ୍ତିକୁ ବୁଝାଉଥିଲା ବେଳେ ନିତ୍ୟନିୟମିତ ଜୀବନରେ ସେସବୁର ବ୍ୟବହାର ବହୁତ କମ କରିଥାନ୍ତି ଏକଥା ଆମେ ବେଶ ଅନୁଭବ କରିଛନ୍ତି। ତେବେ ଏହି କ୍ରମରେ ଦର୍ଶନ ବୁଝାଉଥିବା ବ୍ୟକ୍ତିର ନାମ ପୂର୍ବରୁ ପ୍ରବାଚକ ବା ପ୍ରବାଚିକା ଆଦି ସାଙ୍ଗିଆ ଯୋଡ଼ିଥାନ୍ତି। ଟିକିଏ ଅଧିକ ହେଲେ ବିଶିଷ୍ଟ ଲଗାଇ ଦେଇଥାନ୍ତି।

ଏବେ ବିଭିନ୍ନ ସମସ୍ୟାକୁ ନେଇ ବିଭିନ୍ନ ସଂଗଠନ ହେବାର ଲକ୍ଷ୍ୟ କରାଯାଏ। କେତେବେଳେ ସଂଗଠନ ଗଢିହୁଏ ପୁଣି ଭାଙ୍ଗିଯାଏ ତାକୁ ଅନୁଭବ କରିବା କଷ୍ଟକର। ତେଣୁ ଏହି ସଂଗଠନ ମାନଙ୍କରେ ନିର୍ବାଚିତ ବା ସ୍ୱନିର୍ବାଚିତ ବ୍ୟକ୍ତିବିଶେଷ ସଭାପତି, ସମ୍ପାଦକ, ପରାମର୍ଶଦାତା ଆଦି ହୋଇ ତାଙ୍କ ନାମ ପୂର୍ବରୁ ସାଙ୍ଗିଆ ତିଆରି କରିଦିଅନ୍ତି। ଅନେକ ସଭାରେ ଦେଖାଯାଏ ସେଠାରେ ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଏ। ତାଙ୍କ ନାମ ପୂର୍ବରୁ ସାହିତ୍ୟିକ, ସୁସାହିତ୍ୟିକ ଆଦି ବିଶେଷଣ ଲଗାଯାଇ ତାଙ୍କୁ ଏତେ ଆଭୂଷିତ କରାଯାଏ ଯେ ନ କହିବା ଭଲ। ସାଧାରଣ ଲୋକଟିଏ ଏସବୁକୁ ଶୁଣି କେବଳ ତାଳିମାରି ତା'ର କର୍ତ୍ତବ୍ୟ ଶେଷ କରେ। ବିଭିନ୍ନ ସ୍ଥାନରେ ଲେଖାକୁ ପ୍ରକାଶ କରି ଯାହାର ପ୍ରଭାବ କାହା ଉପରେ ପଡୁ ବା ନପଡୁ ରାତାରାତି କବି ହେବା ଅନେକଙ୍କ ନିକଟରେ ପରିଲକ୍ଷିତ ହୁଏ। ଗାଳ୍ପିକ, ପ୍ରାବନ୍ଧିକ, ସ୍ତମ୍ଭକାର ଆଦିମାନେ ସମାଜର ପ୍ରତ୍ୟେକ କଥାକୁ ଖଟିରେ ଆଲୋଚନା କରି ରାତିରେ ନିଦକୁ ଗାଢ଼ କରି ଗଢି ତୋଳିବାରେ ଉଦ୍ୟମଶୀଳ ହୋଇଥାନ୍ତି। ଗଳ୍ପର ଶେଷ ନଥାଉ, ପ୍ରବନ୍ଧର ମାନ ନଥାଉ, କବିତାର ଅର୍ଥ ନଥାଉ ବରଂ ନିଜକୁ ଏକ ପରିଚୟ ତଥା ସାଙ୍ଗିଆ ପାଇବାର ଅତି ସରଳ ଉପାୟ ବଞ୍ଚିବାର ସରଳ ପଦକ୍ଷେପ ବରଣ କରି ନେଇଥାନ୍ତି।

ଏବେ ଅବସର ପ୍ରାପ୍ତ ସବୁଠି ଦୃଶ୍ୟମାନ ହୁଏ, ଯେମିତି ଅବସର ପ୍ରାପ୍ତ ଅମୁକ ସମୁକ ଆଦି କୁହାଯାଇ ସାଙ୍ଗିଆର ବହଳ ଆସ୍ତରଣ ତିଆରି କରାଯାଇଥାଏ। ସଭାରେ ବି ଏହାର ଦବଦବା ବହୁତ ଅଧିକ। ଜଣେ ଦୁଇଜଣଙ୍କୁ ସମ୍ମାନ ନଦେଲେ ସଭାରେ ମାନ ରହେନି ବୋଲି ଏଣିକି କୁହାକୁହି ବି ହେଲେଣି। ଜୀବନରେ ପାଠ ପଢ଼ାଇନଥିବା ଲୋକ ଶ୍ରେଷ୍ଠ ଶିକ୍ଷକ ସମ୍ମାନ ପାଇ ଗଦ ଗଦ ହେବା ଆମେ ଦେଖିଛନ୍ତି । ନୃତ୍ୟଶିଳ୍ପୀ, ସଙ୍ଗୀତ ସାଧକ, ଗୀତିକାର ଆଦି ଏବେ ଘରେ ଘରେ। ଆଜିକାଲି ସାମାଜିକ ଗଣ ମାଧମରେ ଏସବୁ ସ୍ୱୀକୃତି ବେଶ୍ ଆରାମରେ ମିଳିଯାଉଛି। ଆଉ ଏସବୁକୁ ପାଇ ମାନପତ୍ର ମାଳ ମାଳ ଗୁନ୍ଥି ମହାନ ହୋଇଯିବାର ଯୁଗ ଆସିଯାଇଛି ଯେମିତି। କାହାର ଡାଇନିଂ ହଲରେ କେତେ ମାନପତ୍ର ଟଙ୍ଗା ହେବ ତାହା ଏବେ ଗୋଟେ ପ୍ରତିଯୋଗିତା। ମାନପତ୍ର ଫଟୋ ବିଭିନ୍ନ ବଡ ବଡ ଲୋକଙ୍କ ସାଙ୍ଗରେ ମିଛ ହସରେ ଫଟୋ ଦେଖିଲେ କେମିତି ଲାଗେ ଲୋକଟି ପଛରେ ଯଥେଷ୍ଟ ସାଙ୍ଗିଆ ଲାଗିବାର ବାକିଅଛି। କିଛି ଚାନ୍ଦା ନା ଅନୁଦାନ ଅବଶ୍ୟ ଖର୍ଚ୍ଚ କରିବାକୁ ହୁଏ ଏସବୁ ଅର୍ଜନ କରିବାକୁ। ସଭାରେ ଅତିଥି ମାନେ ଅତି ସହାସ୍ୟ ବଦନରେ ସେମାନଙ୍କ ବେକରେ ଗାମୁଛା ଓ ହାତରେ ମାନପତ୍ର ଦେବାବେଳେ ସାଙ୍ଗିଆ ଖୋଜୁଥିବା ବ୍ୟକ୍ତିଟି ଯେ କେତେ ଖୁସି ଅନୁଭବ କରେ ସେକଥା କ'ଣ ଭାଷାରେ ବର୍ଣ୍ଣନା କରିହେବ ? ମାନପତ୍ର ଗାମୁଛା ତଥା ଉପଢୌକନ ଆଦିର ତୁଳନାରେ ସମାଜରେ ଯଦି ଉପଯୁକ୍ତ କାର୍ଯ୍ୟ ହୁଅନ୍ତା ଏ ସମାଜ କେବେ ଠାରୁ ସୁନା ହୋଇଯାଆନ୍ତାନି ? ଯାହା ହେଉ ଆମ ସମାଜରେ ଏ ସାଙ୍ଗିଆ ଲାଗି ନିୟମିତ ପ୍ରତିଯୋଗିତା ଚାଲିବା ଗୋଟିଏ ନୈମିତ୍ତିକ ଚଳଣି ହୋଇଗଲାଣି। ସମସ୍ତେ ସାଙ୍ଗିଆ ଖୋଜି ଖୋଜି ନୟାନ୍ତ। ନୂଆ ନୂଆ ସାଙ୍ଗିଆ ସଂଗ୍ରହ କରିକରି ସମସ୍ତେ ଉନ୍ନତ ପରିପୁଷ୍ଟ ହେବାରେ ବ୍ୟସ୍ତ। ଯେଉଁମାନେ ପାରିବେନି ସେମାନେ ଛକରେ ସମ୍ବାଦପତ୍ରରେ ସେମାନଙ୍କ କାର୍ଯ୍ୟକଳାପ ଦେଖି ଦେଖି ବେହାଲ।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଉପେନ୍ଦ୍ର ଭଞ୍ଜ ଆଧୁନିକ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ ଗୁମୁସର (ଘୁମୁସର) ନାମକ ପ୍ରାଚୀନ ରାଜ୍ୟରେ ନୀଳକଣ୍ଠ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଭାବେ କୁଲାଡଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କର ବାଲ୍ୟଶିକ୍ଷା ଚାହାଳୀରେ ଆରମ୍ଭ ହୋଇଥିଲା। ବାପା ନୀଳକଣ୍ଠ ଓ ଜେଜେ ଧନଞ୍ଜୟଙ୍କଠାରୁ ସେ ବିଭିନ୍ନ ଶାସ୍ତ୍ର ପଢ଼ିଥିଲେ। ଧନଞ୍ଜୟ ଭଞ୍ଜ ଜଣେ କବି ହୋଇଥିବାରୁ ତାଙ୍କ ଦରବାରକୁ ଅନେକ କବି, ପଣ୍ଡିତ, ସାଧୁସନ୍ଥ ବିଭିନ୍ନ ସମୟରେ ଆସୁଥିଲେ ଓ ସେଠାରେ ରହି ସାହିତ୍ୟ ସଙ୍ଗୀତ ବିଷୟରେ ଚର୍ଚ୍ଚା କରୁଥିଲେ। ଉପେନ୍ଦ୍ର ମଧ ଜେଜେଙ୍କ ପାଖରେ ବସି ସେଗୁଡିକ ଶୁଣୁଥିଲେ ଓ ଧୀରେ ଧୀରେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଶାସ୍ତ୍ରମାନ ଆୟତ୍ତ କରିଥିଲେ। ଚାହାଳୀରେ ପଢୁଥିବା ସମୟରେ ଉପେନ୍ଦ୍ର କବିତା ଲେଖିବା ଆରମ୍ଭ କରି ଦେଇଥିଲେ ଯାହା ଜେଜେ ଧନଞ୍ଜୟ ବେଶ୍ ପସନ୍ଦ କରିଥିଲେ ଓ ନାତିକୁ ଆହୁରି ଲେଖିବାକୁ ପ୍ରେରଣା ଦେଲେ । ଉପେନ୍ଦ୍ର ଯାହା ଯେତେବେଳେ ଲେଖୁଥିଲେ ଜେଜେଙ୍କୁ ନେଇ ଦେଖାଉଥିଲେ ଓ ତାଙ୍କର ପରାମର୍ଶ ନେଉଥିଲେ ।

ଉପେନ୍ଦ୍ର ଭଞ୍ଜ ଆଧୁନିକ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ ଗୁମୁସର (ଘୁମୁସର) ନାମକ ପ୍ରାଚୀନ ରାଜ୍ୟରେ ନୀଳକଣ୍ଠ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଭାବେ କୁଲାଡଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କର ବାଲ୍ୟଶିକ୍ଷା ଚାହାଳୀରେ ଆରମ୍ଭ ହୋଇଥିଲା। ବାପା ନୀଳକଣ୍ଠ ଓ ଜେଜେ ଧନଞ୍ଜୟଙ୍କଠାରୁ ସେ ବିଭିନ୍ନ ଶାସ୍ତ୍ର ପଢ଼ିଥିଲେ। ଧନଞ୍ଜୟ ଭଞ୍ଜ ଜଣେ କବି ହୋଇଥିବାରୁ ତାଙ୍କ ଦରବାରକୁ ଅନେକ କବି, ପଣ୍ଡିତ, ସାଧୁସନ୍ଥ ବିଭିନ୍ନ ସମୟରେ ଆସୁଥିଲେ ଓ ସେଠାରେ ରହି ସାହିତ୍ୟ ସଙ୍ଗୀତ ବିଷୟରେ ଚର୍ଚ୍ଚା କରୁଥିଲେ। ଉପେନ୍ଦ୍ର ମଧ ଜେଜେଙ୍କ ପାଖରେ ବସି ସେଗୁଡିକ ଶୁଣୁଥିଲେ ଓ ଧୀରେ ଧୀରେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଶାସ୍ତ୍ରମାନ ଆୟତ୍ତ କରିଥିଲେ। ଚାହାଳୀରେ ପଢୁଥିବା ସମୟରେ ଉପେନ୍ଦ୍ର କବିତା ଲେଖିବା ଆରମ୍ଭ କରି ଦେଇଥିଲେ ଯାହା ଜେଜେ ଧନଞ୍ଜୟ ବେଶ୍ ପସନ୍ଦ କରିଥିଲେ ଓ ନାତିକୁ ଆହୁରି ଲେଖିବାକୁ ପ୍ରେରଣା ଦେଲେ । ଉପେନ୍ଦ୍ର ଯାହା ଯେତେବେଳେ ଲେଖୁଥିଲେ ଜେଜେଙ୍କୁ ନେଇ ଦେଖାଉଥିଲେ ଓ ତାଙ୍କର ପରାମର୍ଶ ନେଉଥିଲେ । ସେ ଜେଜେଙ୍କୁ ନିଜର କାବ୍ୟଗୁରୁ ଭାବରେ ବିଚାର କରି ନିଜ ସାଧନାରେ ଆଗେଇ ଯାଉଥିଲେ। ରାଜା ଧନଞ୍ଜୟଙ୍କ ଦରବାରକୁ ଥରେ ରଘୁନାଥ ନାମରେ ଜଣେ ସିଦ୍ଧପୁରୁଷ ସନ୍ୟାସୀ ଆସିଥିଲେ । ସେ ଉପେନ୍ଦ୍ରଙ୍କର ପାଠପଢ଼ା ଓ କବିତା ଲେଖିବାର ଆଗ୍ରହ ଦେଖି ତାଙ୍କୁ 'ରାମ ତାରକ ମନ୍ତ୍ର' ବୋଲି ଏକ ସିଦ୍ଧ ମନ୍ତ୍ର ଶିଖାଇ ଏହାକୁ କେମିତି ସାଧନା କରିବାକୁ ହେବ ବତାଇଦେଲେ । ମନ୍ତ୍ରଟି ଶିଖିବା ପାଇଁ ଉପେନ୍ଦ୍ର କୁଲାଡ଼ଗଡ଼ ଛାଡ଼ି ଅଳ୍ପ ଦୂରରେ ଥିବା ଏକ ନିର୍ଜନ ସ୍ଥାନକୁ ଚାଲିଗଲେ । ହିଂସ୍ରଜନ୍ତୁପୂର୍ଣ୍ଣ ଓ ପାହାଡ ପର୍ବତଘେରା ସେହି ସ୍ଥାନରେ ଗୋଟିଏ ଗୁମ୍ଫା ଭିତରେ ବସି କିଛିଦିନ ଗୁରୁମନ୍ତ୍ର ସାଧନା କରିବାପରେ ସିଦ୍ଧିଲାଭ କରି ସେ ରାଜପ୍ରସାଦକୁ ଫେରି ଆସିଲେ । ସେହି ସ୍ଥାନଟି ଏବେ 'ବାଘବଲି' ଓ 'ଡାମଣ ଝୋଲି' ନାମରେ ପରିଚିତ, ସାଧନା କରି ଫେରିବା ପରେ ଉପେନ୍ଦ୍ରଙ୍କର ଆଗ ଅପେକ୍ଷା ଆହୁରି କାବ୍ୟ ଲେଖିବା ଓ କାବ୍ୟକବିତା ବିଷୟରେ ଜାଣିବାରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଲା। କାବ୍ୟ ଆଲୋଚନା ପାଇଁ ସେ ଜେଜେ ଧନଞ୍ଜୟ ଭଞ୍ଜଙ୍କ ସହିତ ସମୟ ବିତାଉଥିଲେ। ଦିନେ ସାହିତ୍ୟ ଆଲୋଚନା ହେଉଥିଲା ବେଳେ ଧନଞ୍ଜୟ ନିଜର ଶ୍ରେଷ୍ଠ କାବ୍ୟ ରଘୁନାଥ ବିଳାସ ଉପେନ୍ଦ୍ରଙ୍କୁ ଦେଲେ ଓ କିଛି ଦୋଷତ୍ରୁଟି ଥିଲେ ନିର୍ଭୟରେ ତାଙ୍କୁ ଜଣାଇବାକୁ କହିଲେ। ଉପେନ୍ଦ୍ର କାବ୍ୟଟିକୁ ମନଦେଇ ପଢ଼ିସାରିଲା ପରେ ଅଳଙ୍କାରର ପ୍ରୟୋଗ କରିଥିଲେ ଆହୁରି ଭଲ ହୋଇଥାନ୍ତା ବୋଲି କହିଲେ, ଧନଞ୍ଜୟ ଭଞ୍ଜ ଏକଥା ଶୁଣି ଖୁସି ହେଲେ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗୀୟ ଓଡ଼ିଆ ରୀତି ସାହିତ୍ୟର ସର୍ବଶ୍ରେଷ୍ଠ କବି। ଓଡ଼ିଆ ଜାତିର ଭାଷା, ସଂସ୍କୃତି, କଳା, ସଂଗୀତ ତଥା ଆଧାତ୍ମିକ ଚେତନାର ଯଥାର୍ଥ ପ୍ରତିଫଳନ ହୋଇଥିଲା ତାଙ୍କ ରଚନାବଳୀରେ। ଉପେନ୍ଦ୍ର ଭଞ୍ଜଙ୍କ ଠାରେ ବହୁଗୁଣର ସମାହାର ଘଟିଥିଲା। ତାଙ୍କ ରଚିତ କାବ୍ୟ ମାନଙ୍କରେ ଭରି ରହିଥିଲା ନାନା ରସ, ଅଳଙ୍କାର, ତତ୍ତ୍ୱ ଓ ଦର୍ଶନ। ସେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା, ସମସାମୟିକ ସାମାଜିକ ଜୀବନଧାରା ତଥା ଭବିଷ୍ୟତର ଆହ୍ୱାନ ସମ୍ପର୍କରେ ଯଥେଷ୍ଟ ସଚେତନ ଥିଲେ। ତାଙ୍କ ରଚନାରେ ଚରିତ୍ର ଚିତ୍ରଣ, ପରିବେଶ ନିର୍ମାଣ, ପ୍ରକୃତି ବର୍ଣ୍ଣନା, ବଂଶାବଳୀ ଦର୍ଶନ, ନୈତିକ ସମ୍ଭାଷଣ, ଲୋକୋପଦେଶ, ଭକ୍ତି ପ୍ରଦର୍ଶନ ତଥା ରସ ପରିବେଷଣର ଶୈଳୀ ଅନନ୍ୟ ଏବଂ ଅଦ୍ୱିତୀୟ। ଉପେନ୍ଦ୍ର ଭଞ୍ଜଙ୍କୁ ବୀରବର, ମଙ୍ଗରାଜ, କବି ସାର୍ବଭୌମ, କବି କୁଳକେଶରୀ, କବି ସମ୍ରାଟ ଉପାଧି ଦ୍ୱାରା ସମ୍ବୋଧିତ କରାଯାଇଥିଲା।

କାବ୍ୟ କବିତା ଲେଖି ଉପେନ୍ଦ୍ର ସାରା ଓଡ଼ିଶାରେ ବେଶ୍ ପ୍ରସିଦ୍ଧି ଲାଭ କରିସାରିଥିଲେ। ପୁରୀର ତତ୍କାଳୀନ ଗଜପତି ରାଜା ଦିବ୍ୟସିଂହ ଦେବ କବିଙ୍କ ବିଷୟରେ ଶୁଣିବାକୁ ପାଇଲେ ଓ ତାଙ୍କୁ ସମ୍ମାନିତ କରିବା ପାଇଁ ପୁରୀକୁ ଡକାଇଲେ। ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ଉପେନ୍ଦ୍ର ପୁରୀ ଆସିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରାଜଦରବାରରେ କାବ୍ୟ ଆଲୋଚନା କଲେ । ତାଙ୍କର କାବ୍ୟ ଆଲୋଚନା ଏତେ ପାଣ୍ଡିତ୍ୟ ପୂର୍ଣ୍ଣ ଥିଲା ଯେ ଖାଲି ରାଜା କାହିଁକି ବଡ଼ ବଡ଼ ପଣ୍ଡିତମାନେ ମଧ ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ଶେଷରେ ଦିବ୍ୟସିଂହ ଦେବ ରାଜଦରବାର ଭିତରେ ଉପେନ୍ଦ୍ରଙ୍କ ମୁଣ୍ଡରେ ପାଟଶାଢ଼ି ବାନ୍ଧିଦେଇ କହିଲେ, ଧନ୍ୟ ଉପେନ୍ଦ୍ର। ତୁମେ ଖାଲି ରାଜପୁତ୍ର ନୁହଁ, ତୁମେ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ। ତୁମକୁ ଆଜି ମୁଁ 'ବୀରବର ଉପାଧି'ରେ ଭୂଷିତ କରୁଛି। ଉପେନ୍ଦ୍ର ଗଜପତି ଦିବ୍ୟସିଂହ ଦେବଙ୍କର ସେହି ଉପାଧିକୁ ଆଗ୍ରହର ସହିତ ଗ୍ରହଣ କଲେ।

ଉପେନ୍ଦ୍ର ଭଞ୍ଜ ପାଖାପାଖି ୫୨ ଗୋଟି ଗ୍ରନ୍ଥ ରଚନା କରିଥିଲେ ବୋଲି ଏକାଧିକ ଗବେଷକମାନଙ୍କ ଦ୍ୱାରା ଅନୁମିତ ହୋଇଛି। କିନ୍ତୁ ମୁଦ୍ରଣଯନ୍ତ୍ର ଅଭାବରୁ ଏହି ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଅନେକ ଗ୍ରନ୍ଥ ଆଉ ଖୋଜିଲେ ମଧ ମିଳିବା ଅସମ୍ଭବ ପ୍ରାୟ। ଏବେ ମାତ୍ର ୨୦-୨୫ ଗୋଟି ରଚନା ମିଳୁଛି। ଏହି ବିଷୟରେ ପ୍ରସିଦ୍ଧ ପତ୍ରିକା ଉତ୍କଳ ଦୀପିକାରେ ୧୮୬୬ ମସିହାରେ ଛପା ଯାଇଥିଲା। ତାଙ୍କ ରଚିତ କେତୋଟି ପ୍ରମୁଖ କାବ୍ୟ ହେଲା ସରଭ, ଅଭିଷେକ ବୈଦେହୀଶ ବିଳାସ ('ବ'ରେ ଆରମ୍ଭ ହୋଇଥିବା ସବୁ ପଦ) ରାସଲୀଳା, ବ୍ରଜଲୀଳା, ସୁଭଦ୍ରା ପରିଣୟ ('ସ'ରେ ଆରମ୍ଭ ହୋଇଥିବା ସବୁ ପଦ), ଲାବଣ୍ୟବତୀ, ପ୍ରେମ ସୁଧାନିଧି, ରସିକ ହାରାବଳୀ, ଚିତ୍ରକାବ୍ୟ-ବନ୍ଧୋଧ ଲାବଣ୍ୟବତୀ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, କଳା କୌତୁକ ('କ'ରେ ଆରମ୍ଭ ହୋଇଥିବା ସବୁ ପଦ), ସତୀଶ ବିଳାସ ('ସ'ରେ ଆରମ୍ଭ ହୋଇଥିବା ସବୁ ପଦ), ଦମୟନ୍ତୀ ବିଳାସ ('ଦ'ରେ ଆରମ୍ଭ ହୋଇଥିବା ସବୁ ପଦ), ପଦ୍ମାବତୀ ପରିଣୟ ('ପ'ରେ ଆରମ୍ଭ ହୋଇଥିବା ସବୁ ପଦ)। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ, ପ୍ରଖ୍ୟାତ କବି। ତାଙ୍କୁ କୋଟି କୋଟି ପ୍ରଣାମ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଆଉ ଏକ ଚମତ୍କାରି ବର୍ଣ୍ଣନା।

ରମଣୀ ରତନ ମେଘକୁ ଚାହିଁ
କହିବୁରେ ମେଘ କାନ୍ତଙ୍କୁ ଯାଇ
ଏତେ ଦିନ କିମ୍ବା ବିଳମ୍ବ କଲେ
କାଲି ପରିକି କଷ୍ଟ କରିଥିଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ଦୁଷ୍କର

**ଶରତ ଦାଶ**

ଦୁବ ହେଲି ଯେବେ ଛାଗଳ କବଳୁ
ବଞ୍ଚିବା ହେଲା ଦୁଷ୍କର
ହେଲି ବଟବୃକ୍ଷ ଭାଙ୍ଗିଦେଲା କାୟା
ଅଣଚାଶ ବାୟୁ ଖର ।।
ଆକାଶେ ଚନ୍ଦ୍ରମା ହେଲି ଯେବେ ରାହୁ
କେତୁ ଦେଲେ ବେଳେ ପୀଡ଼ା
ସାଗର ଭିତରେ ହେଲି ଯେବେ ଦ୍ୱୀପ
ସୁନାମି କରିଲା କ୍ରୀଡ଼ା ।।
ବଉଦ ହୋଇଲି ଜଳ ଧରି ବକ୍ଷେ
ଜଳ ଶୋଷି ନେଲା ସୂର୍ଯ୍ୟ
ଶୂନ୍ୟ ବକ୍ଷେ ଲକ୍ଷ୍ୟ ହେଲା ଅପହଞ୍ଚ
ବ୍ୟର୍ଥ ଗଲା ସବୁ କାର୍ଯ୍ୟ ।।
ଭଲ ହେବି ବୋଲି କଲି ମନସ୍ଥିର
ସମସ୍ୟା ଆସିଲା ମାଡ଼ି
ସବୁ ଭଲପଣ ମିଶିଲା ମାଟିରେ
ପିଠିରେ ବାଜିଲା ବାଡ଼ି ।।
ଗାଇବାକୁ ଗୀତ ମେଲିଲି ବୋଇତ
ଆହୁଲା ପଡ଼ିଲା ଖସି
ଅକାତ ଜଳର ଭଉଁରୀ ଗର୍ଭରେ
କାଳ ଦେଲା ଧୀରେ ହସି ।।
ଭଲ ହେବି ବୋଲି ମନ୍ଦଗୁଣ ତେଜି
ଆଶରା କରିଲି ଧର୍ମ
ଧର୍ମ ଲୁଚିଗଲା ସୁଦୂରେ କେଉଁଠି
କପାଳ ହୋଇଲା ବାମ ।।
ଡାକିଲି କାହ୍ନାଙ୍କୁ ବିପଦରେ ପଡ଼ି
କାହ୍ନା ଦେଲେ ଧୀରେ ହସି
କହିଲେ ସମ୍ପଦ କାଳେ ନ ଡାକିଲୁ
ଏବେ କାହ୍ନୁ କାହିଁ ବସି ।।

ଭୁବନେଶ୍ୱର

## ଆଉ ଫଗୁଣ ଆସୁନି

**ସିଦ୍ଧେଶ୍ୱର ତ୍ରିପାଠୀ**

ଆଉ ଫଗୁଣ ଆସୁନି ବନ୍ଧୁ
ଶୀତଳ ସେ ମଳୟକୁ ଛୁଇଁ
କୋଇଲିର କୁହୁତାନ
ପଳାସର ଛନ ଛନ
ହସ ଆଉ ନାହିଁ

ଆଉ ଫଗୁଣ ଆସୁନି ବନ୍ଧୁ
ଶୀତଳ ସେ ମଳୟକୁ ଛୁଇଁ

ବସନ୍ତର ଦେହ ସାରା ବିଷ
ଗନ୍ଧହୀନ ବଉଳର ବାସ
ବିଭୋରତା ନାହିଁ ଆଉ
ଆମ୍ବ କସି ଚାହୁଁ ଚାହୁଁ
ମନ ଆଉ ଝୁମି ଉଠେ ନାହିଁ

ଆଉ ଫଗୁଣ ଆସୁନି ବନ୍ଧୁ
ଶୀତଳ ସେ ମଳୟକୁ ଛୁଇଁ

ପତ୍ରଝଡ଼ା ଗଛ ସବୁ ଥୁଣ୍ଟା
ମାର୍ଚ୍ଚ ତ ତାତି ଲୁହାକଣ୍ଟା
ଜୀବନର ତିକ୍ତ ଅନୁଭୂତି
ଫଗୁଣକୁ ଭେଟିବ କେମିତି
ବିରହର ଗୀତ ଗାଇ ଗାଇ

ଆଉ ଫଗୁଣ ଆସୁନି ବନ୍ଧୁ
ଶୀତଳ ସେ ମଳୟକୁ ଛୁଇଁ ।

## ପ୍ରେମତତ୍ତ୍ୱ

**ଡ. ଅନିଲ ନନ୍ଦ**

ଏଡେବଡ ପୃଥିବୀ
ଓ ଆକାଶ ମଝିରେ
ବିସ୍ତାରିତ ଭୁଖଣ୍ଡରୁ ଟିକିଏ ନେଇ
ଗଢା ଯାଇଛି ଯୋଉ ଉପବନ
ତାହା ପ୍ରେମ ।

ଅବିଚ୍ଛିନ୍ନ ଆଲୋକକୁ ବାଦ୍ ଦେଇ
ଅତିନ୍ଦ୍ରିୟରେ ଅନ୍ଧ କରିଛି
ଯୋଉ ଆଖି
ତାହା ପ୍ରେମ ।

ଆସନ୍ନ ମୃତ୍ୟୁରେ ସୁଦ୍ଧା
ମାଟିପାଣିପବନକୁ
ଜପ କରୁଥାଏ ଯୋଉ
ବାଷ୍ପରୁଦ୍ଧ କଣ୍ଠ
ପ୍ରେମ ତାହା ପ୍ରେମ ।

ପ୍ରେମର କୁହୁକରେ
ଏ ପୃଥିବୀ ମାୟା ନଗରୀ
ପ୍ରେମର ମନ୍ତ୍ରରେ
ରତ୍ନଗର୍ଭା ମଞ୍ଜପୁରୀ
ଲୀଳା ଆଉ ବିଳାସର କ୍ଷେତ୍ର ।

କ୍ୟାମ୍ପସ-୯, କିଟ୍
ମୋ-୯୯୩୭୮୪୩୩୬୮



## ସମୟ

**ଡ. ଦୀପକ କୁମାର ମିଶ୍ର**



ଟୁକୁଡ଼ା କାଗଜକୁ ଯୋଡ଼ି ପଢ଼ିହୁଏନି ଅତୀତ
ବିକ୍ଷିପ୍ତ ଅସ୍ତିତ୍ୱବିହୀନ
ବିନ୍ଦୁମାନଙ୍କୁ ଏକତ୍ରିତ କରି
ସଜେଇହୁଏନି ଜୀବନର ଚିତ୍ର
ଯାହା ଭାସିଯାଇଟି ସମୟରେ
ତା'ର ଉଜାଣି ଗତି ସବୁକାଳେ ଅସମ୍ଭବ ।

ବହୁଚେଷ୍ଟା କରିଚି
ଖୋଜିବାକୁ ବୟସର ବରମୁଡ଼ା ଟ୍ରାଏଙ୍ଗଲରେ
ହଜିଯାଇଥିବା ସ୍ୱପ୍ନମାନଙ୍କର
ଶେଷ ଅବଶେଷ
ଅବୁଝା ରହିଯାଇଛି ସମୟଯାତ୍ରାର
ଅସମାହିତ ଅଭେଦ୍ୟ ରହସ୍ୟ
ଛିନ୍-ଛତର୍ ହୋଇଯାଇଥିବା ଭାଗ୍ୟର
କରିପାରିନି ପୁନର୍ଗଠନ



ଯେଉଁଠି ଛାଡ଼ିଯାଇଥିଲି ନିଜକୁ
ପୁଣି ସେଇଠି ପାଏ ନିଜକୁ
ଯାହା ଖାଲି ପ୍ରତ୍ୟୟ ହୁଏ ପୃଷ୍ଠଭୂମିର
ସମ୍ୟକ ପରିବର୍ତ୍ତନ ।

ସମୟକୁ ବୁଝିହୁଏ ନା ଯୁଝିହୁଏ
ସମୟ ଲାଗେ କୁହୁଡ଼ିବୋଳା
ଗୋଟେ ନିରୀହ ସକାଳ
ମନାକରି ହୁଏନି, ମାନିବି ହୁଏନି
ରାତିର ପ୍ରସ୍ଥାନ ଆଉ ଦିନ ଆଗମନ ।

ଭୁବନେଶ୍ୱର
ମୋ- ୮୨୮୦୨୧୧୦୦୦

## ସନ୍ତୁଷ୍ଟ

**ବିନୟାନନ୍ଦ ବହସ୍ୟ**

ଯାହା ମୁଁ ଦେଖୁଚି
ମୋ ଆଖି ଆଗରେ
ସେ ସବୁର ସ୍ରଷ୍ଟା ତୁମେ,
ପତ୍ର ପୁଷ୍ପ ଫଳ
ଜଳ ସବୁ ତୁମ
ସୃଷ୍ଟି ମିଛରେ ମୁଁ ଭ୍ରମେ,
କି ଦେଇ ପୁଜିବି ପ୍ରଭୁ,
ହେଲେ ଏଇ ମନ କରି ବୃନ୍ଦାବନ
ତୁମକୁ ଥାପୁଚି ପ୍ରଭୁ । ୧

ଶୁନ୍ୟ ହୋଇ ଆସି
ଶୁନ୍ୟେ ଯିବି ମିଶି
ସତ୍ୟ ଶାନ୍ତି ଦୟା କ୍ଷମା,
ଧର୍ମ ଅର୍ଥ କାମ
ମୋକ୍ଷ ଜାଲେ ପଡି
ମନ ବୁଝେନାହିଁ ଜମା,
ଏ ସବୁ ତୁମର ବାହା,
ତୁମ ପାଖେ ରଖି ହିଂସା ଦ୍ୱେଷ
ରାଗ କ୍ରୋଧ ଦେଇଅଛ ଯାହା । ୨

ଭକ୍ତି ଶ୍ରଦ୍ଧା ପ୍ରେମ
ବିଶ୍ୱାସ ଗୁଣକୁ
ଦେବି ବୋଲି ଭାବିଥିଲି,
ମାୟା ମୋହ ସଙ୍ଗେ ଆଶକ୍ତି ଜଞ୍ଜାଳ
ତୁମେ ଦେଲ ମୋତେ ଠେଲି,
ତୁମକୁ ମୁଁ ଭୁଲି ଗଲି,
ମିଛ ପଛେ ଧାଇଁ
ଅଣ ନିଃଶ୍ୱାସୀ ମୁଁ
ବଞ୍ଚି ଥାଉ ମରିଗଲି । ୩

ତୁମ ପରସାଦ
ତୁମକୁ ଅରପି
କେଉଁ ଅବା ଲାଭ ଅଛି,
ତୁମ ଦିଆ ଗୁଣ
ଅମୀୟ ଭାବକୁ
କେଉଁ ଅବା ବୁଝିଅଛି,
ଚିହ୍ନି ଅଚିହ୍ନା ହେଉଛି,
ମୋ ରାଣ ମୋତେ
ଭଲପାଆ ବୋଲି ମୋତେ
ଯେମିତି ଲାଗୁଛି । ୪

କଦଳୀ ନଡ଼ିଆ କୋରାଖଇ ମିଠା
ଖିରି ଖେଚେଡ଼ି ବେଶର,
ଫଳମୂଳ ଦେଇ
ପୂଜା କରୁଅଛି
ଭାବ ଭକ୍ତି କାହିଁ ମୋର,
ହୃଦୟ ନାହିଁ ମୋହର,
ଦେଇ ପାଇବାକୁ ସର୍ତ୍ତ ରଖୁଅଛି
ପାପ ଅଟେ ନାମ ଯାର । ୫

ଦିଅଁ ଦେଖିବାକୁ
ମନ୍ଦିର ଯାଉଛି
ଦେଉଳେ ଦେବତା ନାହିଁ,
ଦେଲେ କାଳେ ସିଏ ବତାଇବ ବୋଲି
ନାନା ଦ୍ରବ୍ୟ ଥାଏ ଦେଇ,
ମୋହର କିଛି ତ ନାହିଁ,
ଦେଇ ନେଇ କିଏ ଦେବତା ସନ୍ତୁଷ୍ଟ
କରଅଛି ଅବା ଭାଇ । ୬

ମଲ୍ଲୀପୁର, ଖୋର୍ଦ୍ଧା

## ପାଇଛୁ... ପଢ଼ିଛୁ...



### ସମୟର ସାରଥୀ ପ୍ୟାରୀମୋହନ

ଶ୍ରୀମତୀ ପ୍ରତିଭା ମହାପାତ୍ରଙ୍କ ସଂପାଦନାରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା, ଶାବର ଶ୍ରୀକ୍ଷେତ୍ର କୋରାପୁଟ ଦ୍ୱାରା ପ୍ରକାଶ ପାଇଛି ପ୍ୟାରୀ ମୋହନଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବିଭିନ୍ନ ସହୃଦଙ୍କ ସ୍ମୃତିର ମହକ । ଏହି ସ୍ମୃତିର ମହକ ସୂଚାଇ ଦିଏ ପ୍ୟାରୀମୋହନ କେତେ ପ୍ୟାରା ଥିଲେ ତାଙ୍କ ପ୍ରିୟ ବ୍ୟକ୍ତିମାନଙ୍କ ପାଇଁ । ଓଡ଼ିଆ ଏବଂ ଇଂରାଜୀରେ ଶୋକବାର୍ତ୍ତା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଏଠାରେ ଖୁବ୍ ସଂକ୍ଷିପ୍ତରେ ଅଥଚ ଦୃଢ଼ଭାବେ ପ୍ୟାରୀବାବୁଙ୍କ ମହାନତା , ଦକ୍ଷତା, କର୍ମକୁଶଳତା ଏବଂ ଅସୀମ ଜ୍ଞାନ ସଂପର୍କରେ ଉଲ୍ଲେଖ କରିଛନ୍ତି । ପ୍ୟାରୀବାବୁ ଥିଲେ ପ୍ରଚଣ୍ଡ ଧୀଶକ୍ତିର ଅଧିକାରୀ । ଯେ କୌଣସି କାମ ହାତକୁ ନେଲେ ତାହା ସଂପୂର୍ଣ୍ଣ ନ କରି ଛାଡୁନଥିଲେ । କାମରେ ଢିଲା କରିବା ତାଙ୍କ ଜାତକରେ ନଥିଲା । ପ୍ୟାରୀବାବୁଙ୍କ ସହ ଯେଉଁମାନେ କାମ କରୁଥିଲେ ସେମାନେ ତାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ତାଙ୍କ ପରି କାମ କରୁଥିଲେ । ତାଙ୍କ ସହକର୍ମୀ ଏବଂ ଆତ୍ମୀୟଙ୍କ ମତରେ ପ୍ୟାରୀବାବୁ ଥିଲେ ଜଣେ ଯୁଗଜନ୍ମା । ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ । ପ୍ୟାରୀବାବୁ କୋରାପୁଟ ଅଞ୍ଚଳର ହୋଇଥିବାରୁ ନିଜକୁ କୋରାପୁଟିଆ ହିସାବରେ ଗର୍ବ ଅନୁଭବ କରୁଥିଲେ । ସେ ଏଭଳି ଦୃଢ଼ ଥିଲେ ଯେ କୌଣସି କାମ କରିବା ପୂର୍ବରୁ ତାର ମୂଳ ପର୍ଯ୍ୟନ୍ତ ଯାଇ ଯଥାସମ୍ଭବ ସରଳ ସମାଧାନ କରୁଥିଲେ । ପ୍ରଶାସନିକ ଅଧିକାରୀ ହିସାବରେ ସେ ସମାଜସେବାରେ ମନପ୍ରାଣ ଢାଳି ଦେଇଥିଲେ । କେନ୍ଦୁଝରରେ ପ୍ରତିଷ୍ଠିତ ମନୋଜ ମଞ୍ଜରୀ ଶିଶୁ ସଦନ, କୋରାପୁଟର ଶାବର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ଆଦିବାସୀ ସଂଗ୍ରହାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ଅତୁଳ ଅବଦାନ ରହିଛି । ପ୍ୟାରୀବାବୁ ଥିଲେ ଦଳିତ, ନିଷ୍ପେସିତ, ଆଦିବାସୀଙ୍କ ସାହାରା । ନିଜ ଚାକିରି ଜୀବନରେ ସେ କେବେ ଅନ୍ୟାୟ, ଅନୀତିକୁ ପ୍ରଶ୍ରୟ ଦେଇ ନାହାନ୍ତି । ସେଥିପାଇଁ ବର୍ଷକୁ ତାଙ୍କର ୨/୩ ଥର ଭିନ୍ନ ଜାଗାକୁ ବଦଳି ହୋଇଥାଏ । ତଥାପି ସେ ନଇଁ ପଡ଼ିନଥିଲେ । ପ୍ୟାରୀବାବୁଙ୍କ ସହ ବିତାଇଥିବା ମହାର୍ଘ ମୁହୂର୍ତ୍ତକୁ ଖୁବ୍ ମାର୍ମିକ ଭାବେ ତାଙ୍କ ଅନ୍ତରଙ୍ଗମାନେ ବର୍ଣ୍ଣନା କରିଛନ୍ତି ଏହି ପୁସ୍ତକଟିରେ ।

### ମାଟିର ପୂଜାରୀ ଓ ସଳିତା



ପ୍ରକାଶ ପାଇଛି ଇଂ ସରୋଜ ପଟ୍ଟନାୟକଙ୍କ ଦୁଇଟି କବିତା ପୁସ୍ତକ 'ମାଟିର ପୂଜାରୀ ଓ ସଳିତା' । ସରୋଜ ପଟ୍ଟନାୟକ ଜଣେ କବି ହିସାବରେ ବେଶ୍ ଜଣାଶୁଣା । ସେ ଦୀର୍ଘ ଦିନ ହେଲା କବିତା ଲେଖିଆସୁଛନ୍ତି । ସେ ଏକାଧାରରେ କବି, ଗାଳ୍ପିକ, ପ୍ରାବନ୍ଧିକ, ଶିଶୁକବି ଏବଂ ଗୀତିକାର । ଯଦିଓ ପେଶାରେ ସେ ଜଣେ ସରକାରୀ ଶିକ୍ଷକ ସାହିତ୍ୟ ପ୍ରତି ରହିଛି ତାଙ୍କର ପ୍ରଗାଢ଼ ଅନୁରକ୍ତି । ବିଭିନ୍ନ ଘଟଣା ଏବଂ ସୂକ୍ଷ୍ମ ଅନୁଭୂତିକୁ ନେଇ ସେ ରଚନା କରିଛନ୍ତି ସୁନ୍ଦର ସୁନ୍ଦର କବିତା ସବୁ । 'ମାଟିର ପୂଜାରୀ' ଶାନ୍ତିସେନା ଏବଂ 'ସଳିତା' ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି । 'ମାଟିର ପୂଜାରୀ' କବିତା ସଂକଳନରେ ୫୯ଟି କବିତା ଓ ଏହାର ପୃଷ୍ଠା ସଂଖ୍ୟା ୮୦ ଏବଂ 'ସଳିତା' କବିତା ସଂକଳନରେ ୪୬ଟି କବିତା ଏବଂ ଏହାର ପୃଷ୍ଠା ସଂଖ୍ୟା ୭୮ ଅଟେ । କବିଟିଏ ନିଜ ସୂକ୍ଷ୍ମ ଚିନ୍ତାଧାରା ଦ୍ୱାରା ସଂସାରର ସୁଖଦୁଃଖକୁ ଆତ୍ମସ୍ଥ କରି ତାକୁ ଶବ୍ଦର ସମାହାରରେ ପାଠକଙ୍କ ପାଖରେ ପହଞ୍ଚାଇ ଥାଏ ଯାହା ପଢ଼ି ପାଠକ ଆନନ୍ଦଲାଭ କରିଥାଏ । ଚିତ୍ତବିନୋଦନ କରିଥାଏ । ସରୋଜ ପଟ୍ଟନାୟକ ସେମିତି ତାଙ୍କ କବିତା ଗୁଡ଼ିକରେ ଈଶ୍ୱରଙ୍କ ନିକଟରେ ସମର୍ପଣ ଭାବ ଯେମିତି 'ସଳିତା' ସଂକଳନର ଭକ୍ତିର ମନ କବିତାରେ- ଲେଖିଛନ୍ତି-ମାୟା ବନ୍ଧନକୁ ଛାଡ଼ି ଦେଇ ପ୍ରଭୁ/ସ୍ନେହର ରଜ୍ଜୁରେ ବାନ୍ଧ, ପ୍ରଭୁ ହେ/ସ୍ନେହର ରଜ୍ଜୁରେ ବାନ୍ଧ... । ଏହିପରି ପ୍ରତି କବିତାରେ ମନର ଭାବ ପ୍ରକାଶ କରିଛନ୍ତି । ମାଟିର ପୂଜାରୀରେ ସେମିତି ପ୍ରକୃତିକୁ ନେଇ ଅତ୍ୟନ୍ତ ଆବେଗଭରା କବିତା ସବୁ ଲେଖିଛନ୍ତି । 'ମାଟିର ପୂଜାରୀ'ର ମୂଲ୍ୟ ରହିଛି ୧୨୦ ଟଙ୍କା ଏବଂ 'ସଳିତା'ର ମୂଲ୍ୟ ରହିଛି ୧୫୦ ଟଙ୍କା ମାତ୍ର ।



## ଧଳା କଳା



**ପଦ୍ମାଳୟା ପାଢ଼ୀ**



ବିନା ମ୍ୟାଚିଂ ପିନ୍ଧି ବାହାରକୁ ବାହାରୁ ନଥିବା ଅନନ୍ୟା ଆଜି ବସିଥିଲେ ଡ୍ରେସିଂ ଟେବୁଲ ସାମ୍ନାରେ । ଚୁଟି ସବୁ କେବେଠାରୁ ପାଚି ଗଲାଣି ରଙ୍ଗ ଦିଆ ହୋଇନାହିଁ । ଆଜି କାଲି ସିଏ ଚାରି ଆଡ଼କୁ ନଜର ଦେଇ ପାରୁ ନାହାନ୍ତି । କେତେ ଅବା ହେଲା ତାଙ୍କୁ ? ଜମା ଅଠାବନ ହେଲେ ଏବେଠାରୁ ଏମିତି ବୀତସ୍ପୃହ ହେଲେଣି ସିଏ ବୋଉ ବୟସର ହେଲା ବେଳକୁ କଣ ହେବ ନା । ନିଜ ଶରୀର ମୁହଁ ଚୁଟି ସବୁ ନିରୀକ୍ଷଣ କରି ଦେଖିଲା ବେଳକୁ ହତାଶ ଲାଗୁଛି । କେତେ ବଦଳି ଯାଏ ସବୁ କିଛି ବୟସ ସଙ୍ଗେ ତାଳ ଦେଇ ଦେଇ । ପିଲା ଦିନୁ ଅନନ୍ୟାଙ୍କୁ ସଜେଇ ହେବାକୁ ଖୁବ ମନ । ବେଶ ପୋଷାକ ପ୍ରତି ଅତି ମାତ୍ରରେ ସଚେତନ ଥିଲେ ସେ । କେଉଁ ଚୁଡିଦାରକୁ କେଉଁ ଇଅର ରିଙ୍ଗ ଏବଂ କେଉଁ ରଙ୍ଗର ବିନ୍ଦି ଲଗା ହେବ ସବୁ କିଛି ସୁବ୍ୟବସ୍ଥିତ ଥିଲା । ଯୋଉ ଦିନ ବୋଉ ସଙ୍ଗେ କୁଆଡ଼େ ବାହାରକୁ ଯିବାକୁ ଥିବ ସେଦିନ ବୋଉ ଆସି କହିବ-

— ଅନୁ ଲୋ ! ଚୁଟି କେତୁଟା ବାଛି ଦିଅନ୍ତୁନି ?

ବିରକ୍ତ ଲାଗିଲେ ବି ଅନନ୍ୟା ଆସିବେ ବୋଉର ମୁଣ୍ଡ ଉପରେ ଆଙ୍ଗୁଠି ସଞ୍ଚାଳନ କରି କେତୋଟି ଚୁଟି ଏକଡ଼ ସେକଡ଼ ଖେଳାଇ ସାରି କହିବେ-

— ତୋର ତ ସବୁ ଚୁଟି ପାଚି ଗଲାଣି କାହାକୁ ବାଛିବି । ସବୁ ତ ଧଳା କହିବୁ ଯଦି କଳା ଚୁଟି ଦି ଚାରିଟା ଅଛି ଓପାଡି ପାରିବି ।

ବୋଉର ମୁହଁ ଶୁଖିଯାଏ ଏବଂ ଚୁପ ରହିଯାଏ ସିଏ । ବୋଉ ତାଙ୍କର ସବୁବେଳେ ସେମିତି । ବେଶି କିଏ ଯୁକ୍ତି ତର୍କ କଲେ ଚୁପ ରହି ଯିବ । ଅନନ୍ୟା ଭାବନ୍ତି ବୋଉର ଚୁଟି ଧଳା ହେଇଗଲେ ବୋଉ କାଳେ ଅସୁନ୍ଦର ଦିଶିବ ବୋଲି ମନ ଦୁଃଖ କରୁଛି । ସେଇଠୁ ଅନନ୍ୟା କହନ୍ତି-

— ତୁ ଜମା ବ୍ୟସ୍ତ ହଅ ନା ବୋଉ ମୁଁ ଆଜି ଗୋଟେ ଏମିତି କଲର ଆଣିଦେବି ଯେ ଛ ମାସ ଯାଏ ତୋର ଚୁଟି କଳା ମଚ ମଚ ହୋଇ ଚମକୁ ଥିବ ।

ବୋଉ କେବେ ବି ରଙ୍ଗ ଲଗାଇବାକୁ ଇଚ୍ଛା କରି ନଥିଲା । ଅନନ୍ୟା କେତେ ଥର କହିଥିବେ ହେଲେ ସିଏ ରାଜି ହୁଏ ନାହିଁ । କିନ୍ତୁ ବୋଉ କାହିଁକି ମୁହଁ ଶୁଖାଇ ଦେଉଥିଲା ଏବେ ଅନନ୍ୟା ଉପଲବ୍ଧ କରୁଛନ୍ତି । କଳା ଚୁଟି କମି କମି ଯିବା ବୃଦ୍ଧାବସ୍ଥା ଆଗମନର ପ୍ରଥମ ସଂକେତ ଥିଲା ବୋଉ ପାଇଁ । ବୋଉ ଜାଣୁଥିଲା ଏବେ ତାର ଚଳପ୍ରଚଳ ସବୁ ଅସୀମିତରୁ ସୀମିତ ହେବାକୁ ଯାଉଛି । ଧୀରେ ଧୀରେ ଅନ୍ୟ ମାନଙ୍କ ହାତ ଟେକାକୁ ଚାହିଁ ରହିବାକୁ ହେବ । ସେଇ ଆଶଙ୍କା ହିଁ ବୋଉକୁ ଘାରୁ ଥିଲା । ବୋଉ କେବେ ବି ସଜେଇ ହୋଇ ରହିବା ପାଇଁ ଚାହୁଁ ନଥିଲା ।

ବୋଉର ଶ୍ୱାସ ବେମାରି ଥାଏ । ରାତି ସାରା କାଶ ହୁଏ ଏବଂ ଧଇଁସଇଁ ହେଉଥାଏ ସିଏ ସାରା ରାତି । ହେଲେ ପିଲା ମାନେ ତାଙ୍କର ପାଠ ପଢ଼ା ଖେଳ କୁଦ ସାରି ନିଘୋଡ଼ ନିଦରେ ଯିଏ ଯାହାର ବିଳି ବିଳାଉ ଥାଆନ୍ତି । ବାପା ତାଙ୍କ ଅଫିସରୁ ଆସି ନିଶ୍ଚିନ୍ତ ହୋଇ ଘୁଙ୍ଗୁଡ଼ି ମାରୁ ଥାଆନ୍ତି । ଦରମା ଗଣ୍ଡାକ ବୋଉ ହାତରେ ଥୋଇଦେଲେ ତାଙ୍କର ଦାୟିତ୍ୱ ସରିଲା । ଚାରୋଟି ଛୁଆର ମାଆ ଘର କେମିତି ଚଳାଉଛି ସେ ବିଷୟରେ ସିଏ ଅନଭିଜ୍ଞ । ସୁତରାଂ କାହାର ନିଦ ନ ଭାଙ୍ଗୁ ବୋଲି ତାଙ୍କ ବୋଉ ରାତି ଅଧରେ ଧଇଁସଇଁ ହେଲେ ଧୀରେ ଉଠି ରୋଷେଇ ଘର କବାଟ ଖୋଲି ଚା' ପାଇଁ ପାଣି ବସାଏ । କାଳେ ଗରମ ଚା' ଟିକେ ପିଇଲେ ଧଇଁ ପେଲିବା କମିଯିବ ସେଇ ଆଶାରେ । ରୋଷେଇ ଘର ଖୋଲୁ ଖୋଲୁ ଅନନ୍ୟାଙ୍କର ପତଳା ନିଦଟି ଭାଙ୍ଗିଯାଏ ଏବଂ ସେଇଠୁ ପାଟି ତୁଣ୍ଡର ଆରମ୍ଭ । ଭାଇ ଭଉଣୀ ମାନେ ଯିଏ ଯାହାର ଆରାମ ନିଦରେ ଶୋଇ ସ୍ୱପ୍ନ ଦେଖାରେ ମସଗୁଲ ଥିଲା ବେଳକୁ ଅନନ୍ୟା ବୋଉ ଉପରେ ଗର ଗର ହେଉଥିବେ ।

— ବୋଉ ତୋତେ ରାତିରେ ନିଦ ନହେଲେ ବହି ପଢୁନାହୁଁ କାହିଁକି ? ବହି ପଢ଼ିଲେ ନିଦ ଆସିଯିବ । ଧଡ଼ ଧଡ଼ କାହିଁକି କରୁଛୁ ଯେ ? ଏଇଟା ଚା' ପିଇବାର ସମୟ ? ନିଜେ ଶୋଇବୁନି କି କାହାକୁ ଶୋଇବାକୁ ଦେବୁ ନାହିଁ ।

ସେଇଠୁ ସକାଳ ହେଲେ କିଏ ଜଣେ ଯାଇ ଟାବଲେଟ ଦି ଟା ଆଣିଦେଲେ ବୋଉ ମହାପ୍ରସାଦ ପରି ତାକୁ ପାଇଯିବ । ଭଲ ହେବା ପାଇଁ ଆକୁଳ ହୋଇ ଚାହିଁ ବସିଥାଏ କି କଣ । ଏବେ ଅନନ୍ୟାଙ୍କୁ ଶ୍ୱାସ ଏବଂ ସେଇ ସମସ୍ୟା । ଆଜି କାଲି କେତେ ପ୍ରକାର ଔଷଧ ବାହାରିଲେ ମଧ୍ୟ ରାତିରେ ବେଳେ ବେଳେ ଅବସ୍ଥା ଅଣାୟତ୍ତ ହୋଇଯାଏ । ତାଙ୍କୁ ଏ ରୁମ ସେ ରୁମ ହେଉ ଥିବାର ଦେଖି ଅନ୍ୱୟ କହନ୍ତି-

— ଧୀରେ ଶୋଇବାକୁ ଚେଷ୍ଟା କର ନିଦ ହୋଇଯିବ ।

ହେଲେ ଶ୍ୱାସ ରୋଗ ତ ଶୋଇଲେ ବେଶୀ ହୁଏ ସେକଥା ଅନ୍ୱୟ କୋଉଠୁ ବୁଝିବେ । ସିଏ ଖାଲି କଥା କଥାକେ ସବୁ ମାଇଣ୍ଡରେ ଅଛି, ରୋଗ ବିଷୟରେ ଯେତେ ଭାବିବ ରୋଗ ସେତେ ବଢ଼ି ଚାଲିବ ଇତ୍ୟାଦି ଇତ୍ୟାଦି ଉପଦେଶ ଦେଇ ଦାୟିତ୍ୱ ଶେଷ କରନ୍ତି । ବୋଉର ଚାରି ଚାରିଟା ପୁଅ ଝିଅ ପାଖରେ ଥାଇ ବୋଉ ଏକୁଟିଆ ଭୋଗୁଥିଲା ଏବଂ ତାଙ୍କର ଗୋଟିଏ ପୁଅ ଗୋଟେ ଝିଅରେ ବି ସେ ଏକୁଟିଆ । ଯିଏ ଯାହାର ପାଠ ଶାଠକୁ ନେଇ ବାହାରେ ଏବଂ ନିଜ ଧନ୍ଦାରେ ବ୍ୟସ୍ତ । ଫୋନ କରି ପଚାରି ଦେବେ ଖାଇଲେଣି କି ନାହିଁ ଦେହ ଭଲ ଅଛି କି ନାହିଁ, ବାସ ସରିଗଲା ଦାୟିତ୍ୱ ।

କେତେ ବେଳୁ ବସି ଭାବୁଛନ୍ତି । ରଙ୍ଗ କରିବାକୁ ପନିଟେଲଟା ଖୋଲି ଦେଇ ଦେଖନ୍ତି ତ ଅଶି ପ୍ରତିଶତ ଚୁଟି ଧଳା ଏବଂ ଅଳ୍ପ କେତୋଟି କଳା ଅଛି ସେସବୁ ମଧ୍ୟ ଆଉ କେତେ ମାସ ଭିତରେ ଧଳା ପାଲଟି ଯିବ । ଗୁଡ଼ାଏ ଔଷଧ ଖାଇ ଖାଇ ଚୁଟି ବହୁତ ଝଡିଲାଣି । ସାମ୍ନାରେ ସିନ୍ଦୁର ଲଗାଇବା ସ୍ଥାନ ଉପରକୁ ସିନ୍ଥି ପୁରା ଚଉଡ଼ା । ମନ ଖରାପ ଲାଗିଲା । ମାତ୍ର ସେ କଣ ପାଇଁ ଦୁଃଖୀ ? କାହିଁକି ଦୁଃଖୀ ? ଅନ୍ୟର ହାତ ଟେକାକୁ ଚାହିଁ ରହିବାକୁ ସମୟ ଆସିଲାଣି ବୋଲି ନା ସୌନ୍ଦର୍ଯ୍ୟ ଚାଲି ଯାଉଛି ବୋଲି ? ଏବେ ଏହାର ଉତ୍ତର ଆଉ ବୋଉ ପାଖରେ ନାହିଁ ତାଙ୍କ ପାଖରେ ଅଛି ।

ଯୋଉ ଭାଇ ମାନେ ପିଲା ଦିନେ ବୋଉର ରାତି ସାରା କାଶ ଶୁଣି ଶୁଣି ନିଘୋଡ଼ ନିଦରେ ଶୋଇ ପାରୁଥିଲେ ଏବଂ ଦିନେ କେବେ ବୋଉ ପାଖରେ ବସି ତାର ପିଠିକୁ ଆଉଁସି ଦେଇ ନଥିଲେ ସେମାନେ ଏବେ ମଧ୍ୟ ବୋଉ ରାତିରେ କାଶୁଛି ଏବଂ ନିଦ ହେଉନି ବୋଲି ବାହାନା କରି ଭାଉଜ ମାନଙ୍କର ପଣତ କାନିର ସାହାରା ନେଇ ଘର ଛାଡ଼ି ଚାଲିଗଲେ । ଝିଅ ଦୁଇ ଜଣ ବି ଅତି ଧନୀ ପରିବାରର ବୋହୁ ହୋଇ ଜମା ସମୟ ନଥିବାର ବାହାନା ଦେଖାଇ ଦିନେ ଓଳିଏ ମଧ୍ୟ ବୋଉ ପାଖରେ ଆସି ରହି ନାହାନ୍ତି । ଭାଗ୍ୟ ଭଲ ବାପାଙ୍କ ସାମ୍ନାରେ ବୋଉ ଚାଲିଗଲା ଏବଂ ଏହାର ଦି ବର୍ଷ ପରେ ବାପା ବି ।

ଅନନ୍ୟା ଭାବୁକ ହୋଇ ଯାଇଥିଲେ ସେଦିନ । କଥାରେ ଅଛି ପରା ଉପର ବରଡ଼ା ଖସୁଛି ତଳ ବରଡ଼ା ହସୁଚି ଏବଂ ମଝି ବାଲା କହୁଛି ତୋ ଦିନ କାଳ ଆସୁଛି । ବୃଦ୍ଧାବସ୍ଥା, ରୋଗ, ବୈରାଗ ଏବଂ ମୃତ୍ୟୁ ଉପରୁ ଖସି ଖସି ଆସେ ତଳ ପୀଢ଼ିକୁ । ସମସ୍ତେ ସେଇ କାଳ ବକ୍ଷରେ ଦିନେ ନା ଦିନେ ନିଃଶେଷ ତ ନିଶ୍ଚୟ ହେବେ । ଏଇ ପାଉଁଶ ହେବାକୁ ଥିବା ଶରୀରଟିକୁ ଏତେ ସଜାଇ ମଜାଇ ରଖିଲେ କଣ ମିଳିବ । ଆହାଃ ! ବୋଉ ବଞ୍ଚି ଥିଲା ବେଳେ ତା ମନ କଥାଟିକୁ କେହି କେବେ ଚେଷ୍ଟା କରି ନଥିଲେ ବୁଝିବା ପାଇଁ । ସବୁ ଚୁଟି ପାଚି ଯାଏ କଳା ଚୁଟି ସବୁ ସରି ସରି ଯାଏ ଏବଂ ଏହାକୁ ନେଇ ବୋଉର ଶୁଖିଲା ହତାଶିଆ ମୁହଁ ଏବେ ବି ଦିଶି ଯାଉଛି । ରଙ୍ଗ ନ ଲଗାଇ ଡ୍ରେସିଂ ଟେବୁଲ ପାଖରୁ ସେଦିନ ଉଠି ଯାଇଥିଲେ ଅନନ୍ୟା ।

ପୋଷ୍ଟାଲ ଆସିଷ୍ଟାଣ୍ଟ, ବ୍ରହ୍ମପୁର

## ପ୍ରୀତିର ପରଶ

**ରାମଚନ୍ଦ୍ର ବେହେରା**

ଚଇତି ସଂନ୍ଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ
ମୃଦୁ ମଳୟର ଧୀର ସମୀରଣ
ଚୁପି ଚୁପି କାନେ କୁହେ ।
କେତେ ଅଭିଳାଷା ଅସରନ୍ତି ଆଶା
ହୃଦୟେ ଖେଳଇ ଦୋଳି
କୁହୁତାନ ସୁରେ ଆସ ତୁମେ ଧୀରେ
ଦିଅ ପ୍ରୀତି ପୁଷ୍ପ ଢାଳି
ଅତୀତର ଯେତେ ଆଖି ମିଶା ଗପ
ସପନରେ ନାଚୁଥାଏ
ଚଇତି ସଂନ୍ଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ ।୧।
କୁମୁଦ ଖେଳଇ ଲୁଚକାଳି ଖେଳ
ସରସୀ ନିର୍ମଳ ଜଳେ
ଅସ୍ତରାଗ ରବି ମୁରୁକି ହସଇ
ଦୂର ଦିଗବଳୟ ତଳେ
ତୁମ ଆଶ୍ୱାସନା ହସର ଇଂଗିତ
ମୋ ମନକୁ ଛୁଇଁଯାଏ
ଚଇତି ସଂନ୍ଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ ।୨।
ଭାବନାରେ ଭିଜି ଗଲିଣି ମୁଁ ହଜି
ତୁମ କଥା ଭାବି ଭାବି
ଉଦାସ ମନରେ ଯେ ଆସଇ ପାଶେ
ଦେଖାଦିଏ ତୁମ ଛବି
ଝରକା ସେ ପାଖ ଚମ୍ପାର ସୁଗନ୍ଧେ
ମନ ଆନ୍ଦୋଳିତ ହୁଏ
ଚଇତି ସଂନ୍ଧ୍ୟାର ମଲ୍ଲୀର ମହକ
ପ୍ରୀତିର ପରଶ ଦିଏ ।୩।



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୫୦ • ୧୬ ମାର୍ଚ୍ଚ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-50 • 16th March 2024, Saturday • Bhubaneswar

Licensed to post without pre-payment of postage No- BN-60/22-24


## ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେଲା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ








# ଏଲଏଲସିସି କପ୍ : ପ୍ରଥମ ରାଉଣ୍ଡରୁ ପ୍ରଗତି ସ୍ପୋର୍ଟିଂ ଓ ଏମ୍‌ସିସି ବିଦା






**ନୂଆଦିଲ୍ଲୀ**

ଲାଇଭ ଲିଜେଣ୍ଡ କ୍ରିକେଟ କ୍ଲବ(ଏଲଏଲସିସି) ପକ୍ଷରୁ ଆୟୋଜିତ ଅଣ୍ଡର ୧୪ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ଦୁଇ ଶକ୍ତିଶାଳୀ ଦଳ ପ୍ରଗତି ସ୍ପୋର୍ଟିଂ ଓ ଏମ୍‌ସିସି ବିଦାୟ ନେଇଛନ୍ତି।

ସୁପର ନକ୍‌ଆଉଟ୍‌ରେ ପ୍ରଗତି ସ୍ପୋର୍ଟିଂ ଟାଉନ କ୍ଲବ ଠାରୁ ୬ ୱିକେଟରେ ହାରିଛି। ସେହିପରି କଟକର ୟୁନିୟନ ସ୍ପୋର୍ଟିଂ ବେଶ୍ ଚମତ୍କାର ଢଙ୍ଗରେ ଏମସିସିକୁ ୮ ୱିକେଟରେ ହରାଇ ଦେଇଛି। ଉଭୟ ଦଳ ନିଜ ନିଜର ସୁପର ନକ୍‌ଆଉଟ୍ ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।




ବର୍ଷା ଯୋଗୁ ପ୍ରଗତି ସ୍ପୋର୍ଟିଂ ଓ ଟାଉନ କ୍ଲବ୍ ମଧ୍ୟରେ ଚାଲିଥିବା ମୁକାବିଲା ଅଧାରୁ ବନ୍ଦ ରହିଥିଲା। ବର୍ଷା ହେବା ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୬ ୱିକେଟ ହରାଇ ୧୬୨ ରନ କରିଥିଲା।

ଦଳ ପକ୍ଷରୁ ଶ୍ରୀଜିତ ଭୂୟାଁ ସର୍ବାଧିକ ୪୪ ରନ କରିଥିବା ବେଳେ ଡିଆର ସାହୁ ୨୫ ଓ ଅଧିନାୟକ ଶୁଭ୍ରାଂଶୁ କୁମାର ଭୋଇ ୨୦ ରନ କରିଥିଲେ। ଟାଉନ କ୍ଲବ ପକ୍ଷରୁ ଓମ୍‌କାର ଏସ୍‌ଏସ୍ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଟାଉନ କ୍ଲବ ୧୬୩ ରନର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିବା ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ଗୁରୁବାର ମ୍ୟାଚ୍ କରିବା ଆଉ ସମ୍ଭବ ହୋଇ ନଥିଲା। ତେଣୁ ଶୁକ୍ରବାର ଅଧାରୁ ବନ୍ଦ ଥିବା ମ୍ୟାଚ୍ ପୁଣି ଆରମ୍ଭ ହୋଇଥିଲା। ଟାଉନ କ୍ଲବ ୧୬୩ ରନର ଟାର୍ଗେଟକୁ ମାତ୍ର ୪ ୱିକେଟ ହରାଇ ୨୪.୧ ଓଭରରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଅଭିନୀତ ସାହୁ ଅପରାଜିତ ୭୨ ରନ, ପ୍ରଦ୍ୟୋତ ସାମଲ ୪୦ ରନ ଓ ଈଶାନ ମହାପାତ୍ର ୩୨ ରନର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୬ ଓଭରେ ୩ ୱିକେଟ ସହ ୨୨ ରନ ଦେଇ ୩ଟି ୱିକେଟ ନେଇଥିବା ଓମକାରଙ୍କୁ ଏଲଏଲସିସିର ସମ୍ପାଦକ ପଙ୍କଜ କୁମାର ଦାସ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ।

# ପୁଣିଥରେ ଟାଇଟଲ ଜିତିବା ଲକ୍ଷ୍ୟରେ ଏମ୍‌ଏସ୍ ଧୋନୀ !




**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୩ରେ ଚାମ୍ପିଅନ୍ ହୋଇଥିଲା ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)। ଟୁର୍ଣ୍ଣାମେଣ୍ଟରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ନିଜର କ୍ଷମତା ଦେଖାଇଥିଲେ। ଏହି ସିଜନ୍ ପରେ ଧୋନୀ ଆଉ ଖେଳିବେ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ପ୍ରଶଂସକଙ୍କ ଲାଗି ଏଥର ମଧ୍ୟ ସେ ମଇଦାନକୁ ଓହ୍ଲାଇ ଟାଇଟଲ ଜିତିବାକୁ ସ୍ଥିର କରିଛନ୍ତି। ଚଳିତ ସିଜିନ ଲାଗି ତାଙ୍କର ଲୁକ୍ ବଦଳିଛି। ମନୋବଳ ବଢ଼ିଛି। ଲମ୍ବା କେଶରେ ସେ ପୂର୍ବଭଳି ଯୁବକ ଦେଖାଯାଉଛନ୍ତି। କହିବାକୁ ଗଲେ ସେ ପୁରୁଣା ଦିନକୁ ମନେ ପକାଉଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସର ବ୍ୟାଟିଂ ବିଷୟରେ କହିଲେ ଆଗାମୀ ଆଇପିଏଲ୍ ୨୦୨୪ରେ ଶୀର୍ଷ କ୍ରମରେ ଡିଭନ୍ କନୱେଙ୍କୁ ଅନୁପସ୍ଥିତି ବାରିହେବ। ତେବେ ମେଗା ନିଲାମରେ କିଣିଥିବା ରାଚିନ ରବିନ୍ଦ୍ର ଏବଂ ଡ୍ୟାରିଲ ମିଚେଲଙ୍କ ପରି ଖେଳାଳିମାନେ ଏହାର ବ୍ୟାଟିଂ ଲାଇନ୍‌କୁ ମଜବୁତ କରିବେ। ଏହି ଦଳରେ ଶୀର୍ଷ କ୍ରମରେ ଋତୁରାଜ ଗାୟକ୍ୱାଡ୍ ରହିଛନ୍ତି। ଶେଷ ଓଭରରେ ସ୍କୋର ବୋର୍ଡରେ ରନ୍ ଯୋଡ଼ିବାକୁ କିମ୍ବା ମ୍ୟାଚ୍ ଶେଷ କରିବାକୁ ଅଧିନାୟକ ଧୋନୀଙ୍କ ପରି ଜଣେ ଫିନିସର୍ ମଧ୍ୟ ଅଛନ୍ତି।






# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱରକୁ ଏୟାରଲିଫ୍ଟ ...

ଟ୍ୟାଙ୍କର ତାଙ୍କ କାରକୁ ଧକ୍କା ଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେଢାଖୋଲ ଓ ପରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ପିଏସଓ ଓ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି।

## ମା' ଉଗ୍ରତାରାଙ୍କ...

ସହ ସ୍ଥାନୀୟ ଲୋକେ ମାଆଙ୍କ ପୀଠର ଉନ୍ନତି ପାଇଁ ଦାବି କରିଆସୁଥିଲେ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମାଆ ଉଗ୍ରତାରାଙ୍କ ମନ୍ଦିରକୁ ପରିଦର୍ଶନ କରି ଏହାର ରୂପାନ୍ତରୀଣ ଯୋଜନାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ତାହା ପରଖିଥିଲେ । ମା' ଉଗ୍ରତାରାଙ୍କ ପରୀକ୍ରମା ମାର୍ଗ ସହ, ସେବାୟତଙ୍କ ବିଶ୍ରାମ ଭବନ, ତୀର୍ଥ ଯାତ୍ରୀ ବିଶ୍ରାମ ଗୃହ , ଦୋକାନ ଘର, ଭୋଗ ମଣ୍ଡପ ଆଦିର ଯୋଜନା ହୋଇଛି । ଶକ୍ତିପୀଠର ବାକିଶମୂଳକ କାର୍ଯ୍ୟ ନେଇ ଅଞ୍ଚଳବାସୀ ଖୁସି ଅଛନ୍ତି।

## ୪୫ଟି ଦକ୍ଷତାରେ...

ଏବଂ ୱାର୍ଲ୍ଡ ସ୍କିଲ୍ସ ଭଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଦେଖାଇବା ଲାଗି ସୁଯୋଗ ପାଇପାରୁଛନ୍ତି। ମାର୍ଚ୍ଚ ୧୨ ତାରିଖରେ ଓଡ଼ିଶା ସ୍କିଲ୍ସର ପ୍ରାରମ୍ଭିକ ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ତାଲିମ ପ୍ରତିଷ୍ଠାନରୁ ଆସିଥିବା ୭୦୦ରୁ ଅଧିକ ପ୍ରତିଯୋଗୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ଭିତରୁ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଚୂଡ଼ାନ୍ତ ପର୍ଯ୍ୟାୟକୁ ଆସିଥିଲେ। ସେମାନଙ୍କୁ ନେଇ ମାର୍ଚ୍ଚ ୧୪, ଗୁରୁବାର ଦିନ ଫାଇନାଲ ରାଉଣ୍ଡ ପ୍ରତିଯୋଗିତା କରାଯାଇଥିଲା। ପ୍ରତି ବିଷୟରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ଦିନ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ପ୍ରତିଯୋଗୀମାନଙ୍କ ଦକ୍ଷତାକୁ ପରଖିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସ୍ୱତନ୍ତ୍ର ବିଚାରକମାନେ ନିୟୋଜିତ ହୋଇଥିଲେ। ଏହା ସହିତ ଇଣ୍ଡିଆ ସ୍କିଲ୍ସ ବିଶେଷଜ୍ଞମାନେ ମଧ୍ୟ ବିଭିନ୍ନ କେନ୍ଦ୍ରରେ ଉପସ୍ଥିତ ରହି ପ୍ରତିଯୋଗିତାର ଗୁଣାତ୍ମକ ଦିଗକୁ ସୁନିଶ୍ଚିତ କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକଙ୍କ ସହିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପ୍ରତିଯୋଗିତାର ପରିଚାଳନା ଅନୁଧ୍ୟାନ କରିଥିଲେ। ଚଳିତବର୍ଷ ଓଡ଼ିଶା ସ୍କିଲ୍ସରେ କନଷ୍ଟ୍ରକ୍ସନ ଆଣ୍ଡ ବିଲ୍ଡିଂ ଟେକ୍ନୋଲୋଜି, କ୍ରିଏଟିଭ ଆର୍ଟ୍ସ ଆଣ୍ଡ ଫ୍ୟାସନ, ଇନଫରମେସନ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି, ମାନୁଫାକ୍‌ଚରିଂ ଆଣ୍ଡ ଇଞ୍ଜିନିୟରିଂ ଟେକ୍ନୋଲୋଜି, ସୋସିଆଲ ଆଣ୍ଡ ପର୍ସନାଲ ସର୍ଭିସେସ ଏବଂ ଟ୍ରାନ୍ସପୋର୍ଟେସନ ଆଣ୍ଡ ଲଜିଷ୍ଟିକ୍ସ ଆଦି ୬ଟି କ୍ଷେତ୍ରକୁ ନେଇ ପ୍ରତିଯୋଗିତା ପରିକଳ୍ପନା କରାଯାଇଥିଲା। ଏହି ପ୍ରତିଯୋଗିତା ୮ଟି କେନ୍ଦ୍ରରେ ପରିଚାଳିତ ହୋଇଥିଲା। ଏଥି ମଧ୍ୟରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ୧୬ଟି ସ୍କିଲକୁ ନେଇ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଭୁବନେଶ୍ୱରର ସି ଭି ରମଣ ଗ୍ଲୋବାଲ ୟୁନିଭର୍ସିଟି, ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ସେଞ୍ଚୁରିଅନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ସିଟିଟିସି, ଏନଆଇଏଫଟି ସହିତ କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ଏବଂ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂରେ ବିଭିନ୍ନ ଦକ୍ଷତାକୁ ନେଇ ପ୍ରତିଯୋଗିତା ପରିଚାଳନା କରାଯାଇଥିଲା।

## ଆଜି ଘୋଷଣା ...

ପର୍ଯ୍ୟାୟ ଭୋଟ ମେ' ୧୯ରେ ଅନୁଷ୍ଠିତ ହୋଇଥିଲା। ଏହା ସହ ଫଳାଫଳ ମେ' ୨୩ରେ ଆସିଥିଲା । ସେହି ନିର୍ବାଚନ ସମୟରେ ଦେଶରେ ୯୧କୋଟିରୁ ଅଧିକ ଭୋଟର ଥିଲେ, ଯେଉଁମାନଙ୍କ ମଧ୍ୟରୁ ୬୭ପ୍ରତିଶତ ମତଦାନ କରିଥିଲେ। ୨୦୧୯ରେ ଲୋକସଭା ନିର୍ବାଚନରେ ବିଜେପି ୨୦୧୪ ତୁଳନାରେ ଅଧିକ ଆସନ ଜିତିଥିଲା। ୨୦୧୪ରେ ବିଜେପି ୨୮୨ଟି ସିଟ ଜିତିଥିବାବେଳେ ୨୦୧୯ରେ ୩୦୩ଟି ସିଟ ଜିତିଥିଲା।

## ଫୋର୍ବସ୍‌ରେ ସ୍ଥାନ ...

ଟେକ୍ନୋଲୋଜିର ଶିକ୍ଷା ଦେଉଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚି ପାରିବ। ଏହାସହ ପ୍ରାୟ ୬ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ ଆରମ୍ଭ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ସେ ଗଣମାଧ୍ୟମରେ ଜୋନ ସମ୍ବାଦିକା ଭାବେ ମଧ୍ୟ କାର୍ଯ୍ୟ କରିଥିବା ବେଳେ ମାଲକାନଗିରିର ଦୁର୍ଗମ ଅଞ୍ଚଳ ବଣ୍ଡାଘାଟି ଓ ସ୍ୱାଭିମାନ ଅଞ୍ଚଳରେ ଋତୁସ୍ରାବ ବିଷୟରେ ମହିଳା ଓ ଯୁବତୀମାନଙ୍କ ମଧ୍ୟରେ ସଚେତନତା ଅଭାବକୁ ଅନୁଭବ କରିଥିଲେ। ସେଥିପାଇଁ ୨୦୧୭ରେ ପ୍ରାୟ ୨୦ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ବଡ଼ଦିଦି ସଂଗଠନ ଆରମ୍ଭ କରିଥିଲେ। ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବଜନିତ ସମସ୍ୟା ଓ ସାନିଟାରୀ ପ୍ୟାଡ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ କରିଥିଲେ।

## ପୂର୍ଣ୍ଣ ସହାୟତାପ୍ରାପ୍ତ ...

ଏମ୍‌ଏସିପି ନିର୍ଣ୍ଣୟ କରାଯିବ। ପୂର୍ଣ୍ଣ ସହାୟତା ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଶିକ୍ଷାଦାନ ବୃତ୍ତିରେ ପ୍ରତିଭାବାନ ଅଧ୍ୟାପକମାନଙ୍କୁ ଆକର୍ଷିତ କରିବା ପିଏଚଡ଼ି ଡିଗ୍ରୀ ହାସଲ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଅଧ୍ୟାପକମାନଙ୍କୁ ଚାକିରି ସମୟରେ ପିଏଚଡ଼ିର ଅତିରିକ୍ତ ଯୋଗ୍ୟତା ହାସଲ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ କେବଳ ଏଣ୍ଟ୍ରି ଲେବେଲରେ ଆପ୍ରୋପିଏଟ ପେ ସ୍କେଲରେ ଦୁଇଟି ଅଗ୍ରୀମ ବୃଦ୍ଧି, (କେବଳ ଅଧ୍ୟାପକ ପଦରେ ) ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ପୂର୍ଣ୍ଣ ସହାୟତା ପ୍ରାପ୍ତ କଲେଜ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

## ପୁଣି ସୁପ୍ରିମ୍‌କୋର୍ଟ ...

ସୁପାରିସ ଅନୁଯାୟୀ ଭାରତୀୟ ଜନତା ପାର୍ଟିର ପୂର୍ବତନ ନେତା ଏଲ ଭିକ୍ଟୋରିଆ ଗୌରୀଙ୍କୁ ୨୦୨୩ ଫେବ୍ରୁଆରୀରେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୯ ଅଗଷ୍ଟରେ ଯୋଗ ଦେଇଥିବା ଗୌରୀ ବିଜେପିର ସଦସ୍ୟ ଭାବରେ ପ୍ରାୟ ଏକ ବର୍ଷ ବିତାଇଥିଲେ। ସେତେବେଳେ ତାଙ୍କ ଟ୍ୱିଟର ହ୍ୟାଣ୍ଡେଲ ଥିଲା ଚୌକିଦାର ଭିକ୍ଟୋରିଆ ଗୌରୀ, ଯେଉଁଥିରେ ସେ ତାଙ୍କୁ ବିଜେପି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ବୋଲି ପରିଚୟ ଦେଇଥିଲେ। ସେତେବେଳେ ତାଙ୍କୁ ବିଚାରପତି ନ କରିବା ପାଇଁ ହୋଇଥିବା ଦାବିକୁ କଲେଜିୟମ ଗ୍ରହଣ କରି ନ ଥିଲେ। ନିକଟ ଅତୀତରେ ଜଣେ ଓକିଲ ପଦୋନ୍ନତି ପୂର୍ବରୁ ଏକ ରାଜନୈତିକ ଦଳର କର୍ମକର୍ତ୍ତା ଥିଲେ ମଧ୍ୟ ତାଙ୍କୁ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି ବୋଲି କଲେଜିୟମ କହିଛନ୍ତି। ପୁନଶ୍ଚ କଲେଜିୟମ କହିଛନ୍ତି ଯେ ମାଧବନ ଏସ୍‌ସି ସମ୍ପ୍ରଦାୟର ଏବଂ ବାର୍‌ରେ ତାଙ୍କର ଯଥେଷ୍ଟ ଅଭ୍ୟାସ ଅଛି। ତେଣୁ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇଁ ସେ ଉପଯୁକ୍ତ ଏଥିରେ ସନ୍ଦେହ ନାହିଁ । ତାଙ୍କ ବ୍ୟତୀତ କେରଳ ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ ଅନ୍ୟ ୫ ଜଣ ଆଇନଜୀବୀ ଅବଦୁଲ ହକିମ ମୁଲ୍ଲାପଲ୍ଲୀ, ଅବଦୁଲ ଅଜିଜ୍, ଶ୍ୟାମ କୁମାର ବଡ଼କ୍କେ ମୁଦାବକ୍କତ, ହରିଶଙ୍କର ବିଜୟନ ମେନନ, ମନୁ ଶ୍ରୀଧରନ ନାୟାର ଏବଂ ଈଶ୍ୱରନ ସୁବ୍ରମଣିଙ୍କୁ ମଧ୍ୟ କଲେଜିୟମ ସୁପାରିସ କରିଛି।

# ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜୟନ୍ତୀ ପାଳିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱର ଓ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, ଐତିହାସିକ, ଗବେଷକ, ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜନ୍ମ ଜୟନ୍ତୀ ଶୁକ୍ରବାର ସନ୍ଧ୍ୟା ୬.୩୦ ମିନିଟ୍‌ରେ ରେଡ୍‌କ୍ରସ୍ ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଥିଲା। ବର୍ଷୀୟାନ ଗବେଷକ, ସାହିତ୍ୟିକ, ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସାହିତ୍ୟିକ, ବରିଷ୍ଠ ପ୍ରଶାସକ ତଥା ଭଦ୍ରକ ସମ୍ମିଳନୀର ମୁଖ୍ୟ ଉପଦେଷ୍ଟା ଡ. ରବିନାରାୟଣ ସେନାପତି, ଓଡ଼ିଆ ଭାଷା, ସହିତ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏ ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଶୀର୍ଷକ ଆଲୋଚନା ଚକ୍ରରେ ତାଙ୍କର ଦୀର୍ଘ ବର୍ଷର ଐତିହାସିକ ବିବରଣୀ ଓ ସାହିତ୍ୟ କୃତିମୟ ଜୀବନର ତାଙ୍କ ରଚିତ ସାହିତ୍ୟ ଇତିହାସକୁ ପ୍ରାଞ୍ଜଳ ଭାବରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମାରବର ଦାସ, ଐତିହାସିକ ପ୍ରଫେସର ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଆଲୋଚନା ଚକ୍ରରେ ଯୋଗଦେଇ ଦିବଂଗତ ଜଗନ୍ନାଥ ପଟ୍ଟନାୟକଙ୍କ ଆଧାରିତ ସାହିତ୍ୟ କୃତିକୁ ଆଲୋଚନା କରିଥିଲେ। ଏହି ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀର ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଭଦ୍ରକ ସମ୍ମିଳନୀର ସଭାପତି ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ୨୦୨୪ ବର୍ଷପରି ପ୍ରତ୍ୟେକ ବର୍ଷ ଜଗନ୍ନାଥ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକ ପାଳନ କରିବାକୁ ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱରକୁ ସହଯୋଗ କରିବା ନିମନ୍ତେ ନିବେଦନ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଅମୀୟ କୁମାର ପଟ୍ଟନାୟକ ପୂର୍ବତନ କୁଳପତି ସଂସ୍କୃତ ବିଶ୍ୱବିଦ୍ୟାଳୟ, ତାଙ୍କ ବକ୍ତବ୍ୟରେ କହିଥିଲେ ଓଡ଼ିଆ ସାହିତ୍ୟକୁ ଜଗନ୍ନାଥ ପଟ୍ଟନାୟକଙ୍କ ଅବଦାନ ଏକ ଅବିସ୍ମରଣୀୟ ଏବଂ ତାଙ୍କ ସାହିତ୍ୟକୃତିକୁ ଯେତେ ଆଲୋଚନା କଲେ ଯଥେଷ୍ଟ ହେବ ନାହିଁ। ଏହି ଉତ୍ସବରେ ଜଗନ୍ନାଥ ପଟ୍ଟନାୟକଙ୍କ ଅନ୍ୟ ସୁପୁତ୍ରମାନେ ଇଂ ମାନସ ପଟ୍ଟନାୟକ, ଇଂ ତାପସ ରଞ୍ଜନ ପଟ୍ଟନାୟକ ଓ ଗୌତମ ପଟ୍ଟନାୟକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଭଦ୍ରକ ସମ୍ମିଳନୀର ସାଧାରଣ ସମ୍ପାଦକ ବଂଶୀଧର ଭୋଇ ତାଙ୍କ ପ୍ରାରମ୍ଭିକ ଭାଷଣରେ କହିଥିଲେ ଭଦ୍ରକ ସମ୍ମିଳନୀ, ଭୁବନେଶ୍ୱର ଏକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠା। ୨୦୦୧ ମସିହାରୁ ଭଦ୍ରକର ସାଂସ୍କୃତିକ ସଂସ୍କୃତିକୁ ପାଳନ କରିଆସୁଛି। ତେଣୁ ସଂସ୍କୃତି ବିଭାଗ ଏହିପରି ଏକ ପ୍ରତିଷ୍ଠିତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନକୁ ଏକ ସ୍ଥାୟୀ ଅନୁଦାନ ମଞ୍ଜୁର କରିବାକୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ନିର୍ଦ୍ଦେଶକଙ୍କୁ ନିବେଦନ କରିଥିଲେ। ସମ୍ମିଳନୀର ବହୁ କର୍ମକର୍ତ୍ତାମାନଙ୍କ ସହିତ ଅନ୍ୟ ଅନୁଷ୍ଠାନର ବନ୍ଧୁମାନେ ସମାରୋହକୁ ସହଯୋଗ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ନିରୋଦ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

---

RWS&S MECHANICAL DIVISION,
PLOT NO. D-2/24, MANCHESWAR INDUSTRIAL ESTATE,
BHUBANESWAR-751010
e-Mail:"eemrwssbbsr9@gmail.com"

O-2826

TENDER CALL NOTICE NO. SEMBBSR/01 (5) 2024-25.

The Superintending Engineer, RWS&S Mechanical Division, Bhubaneswar, Plot– D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of water well, drilling, skilled personnel to the Sub-Division office under Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub - Division-Berhampur | | Rs.17,74,959.00 (excluding GST) | 6000/- | @1% of quoted rate |
| 1 | H.V. Driver | 4 Nos | | | |
| 2 | Asst. Driller | 2 Nos | | | |
| 3 | Boring mate | 2 Nos | | | |
| 4 | Khallasi | 3 Nos | | | |

Tender document with detail technical requirement, scope of the work, term and condition will be available online in Govt. Web site www.tendersodisha.gov.nic.in from date **20.03.2024 (10 A.M)** to **20.04.2024** up-to **05.30 P.M**. The tender will be opened on dt.**22.04.2024** at **12 P.M** onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the tender is liable for rejection.

The authority reserves the right to reject any or all the tenders without assigning any reason thereof.

Sd/-
Superintending Engineer
RWS&S Mechanical Division
Bhubaneswar

**OIPR : 32528/11/0003/2324**

---

**DEPUTY DIRECTOR,**
**NANDANKANAN ZOOLOGICAL PARK**
**P.O-BARANG,DIST-KHURDA,PIN-754005**
**PHONE-(M) 9437022023**
Email: deputydirector.kanan@gmail.com

NANDANKANAN
Web: www.nandankanan.org

MM-519

e-PROCUREMENT NOTICE
Bid Identification No.DD-NKN.40/PMU/NKZP2023-24 Dt.15.03.2024.

| | | | |
|---|---|---|---|
| 1 | Name of the work | :- | Supply, installation and commissioning of S.S. Truss, ferruled mesh, toughened glass in the Small Cat enclosure at Nandankanan Zoological Park |
| 2 | No. of works | :- | 1(one) no. |
| 3 | Date of availability of bid document in the portal | :- | 16.03.2024 |
| 4 | Last date for receipt of bids in the portal | :- | 22.04.2024 |
| 5 | Date of opening of Technical Bid(Cover-I) | :- | 23.04.2024 |
| 6 | Name & Address of Officer Inviting Tender(OIT) | :- | Deputy Director, Nandankanan Zoological Park,P.O-Barang,Dist-Khorda,Pin-754005. |

Further details can be seen from the e-procurement portal https//tenderodisha.gov.in.

Sd/- Deputy Director
Nandankanan Zoological Park

OIPR-08070/11/0039/2324

---

E-Mail- eerwel_bbsr @yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**

O-2832

**e-Procurement Notice NO –EERWELBBSR- 54/2023-24**

| | | |
|---|---|---|
| 1 | **Name of the work** | 4 Nos of shifting work and 1 no E.I work of Cuttack and Khurda District. |
| 2 | **Estimated Cost** | From 7.39 lakhs to 51.40 lakhs (Excluding GST) |
| 3 | **Period of completion** | **180 days** for sl. No (i)<br>**60 days** for sl. No (ii) to (vi) |
| 4 | **Bid Identification No** | **EERWELBBSR – 54/ 2023-24** |
| 5 | **Date and time of availability of Bid documents in the portal** | From Dt.**20.03.2024** at 12.00 A.M.to Dt **30.03.2024** up to 5.00 P.M |
| 6 | **Date & Time of opening of Technical Bid & Financial Bid for SI No.(ii) to (vi)** | Dt.**02.04.2024** at 01.00 P.M. for Sl. No (i) |
| | **Date & Time of opening of Financial bid for SI no (i)** | To be intimated later on |
| 7 | **Procurement officer/ Name and address of the officer inviting Bids.** | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Explanade Mall. Dist. –Khurda Odisha. Pincode-751010 |

Further detail can be seen from the Govt. Web site www.tenderorissa.gov.in

OIPR-25168/11/0023/2324

Sd/- Executive Engineer,
Rural work Electical Division, Bhubaneswar

---

OFFICE OF THE SUPERINTENDING ENGINEER
RWS&S MECHANICAL DIVISION,
PLOT NO. D-2/24, MANCHESWAR INDUSTRIAL ESTATE,
BHUBANESWAR-751010
e-Mail:"eemrwssbbsr9@gmail.com"

O-2828

TENDER CALL NOTICE NO. SEMBBSR/01 (3) 2024-25.

The Superintending Engineer, RWS&S Mechanical Division, Bhubaneswar, Plot– D-2/24, Mancheswar Industrial Estate, Bhubaneswar-10 on behalf of Governor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of water well, drilling, skilled personnel to the Sub-Division office under Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub - Division-Dhenkanal | | Rs.22,64,426.00 (excluding GST) | 6000/- | @1% of quoted rate |
| 1 | H.V. Driver | 1 No | | | |
| 2 | A.P.D | 1 No | | | |
| 3 | Asst. Driller | 3 Nos | | | |
| 4 | Boring mate | 7 Nos | | | |
| 5 | Khallasi | 3 Nos | | | |

Tender document with detail technical requirement, scope of the work, term and condition will be available online in Govt. Web site www.tendersodisha.gov.nic.in from date **20.03.2024 (10 A.M)** to **20.04.2024** up-to **05.30 P.M**. The tender will be opened on dt.**22.04.2024** at **12 P.M** onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the tender is liable for rejection.

The authority reserves the right to reject any or all the tenders without assigning any reason thereof.

Sd/-
Superintending Engineer
RWS&S Mechanical Division
Bhubaneswar

**OIPR : 32528/11/0005/2324**

---

**No.13655 / BMC Dt.14.3.2024**
**BHUBANESWAR MUNICIPAL CORPORATION**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. BMC-EE-DD-41/2023-24 dtd. 14.03.2024**

C-3326

On behalf of the Commissioner. Bhubaneswar Municipal Corporation (BMC), on-line e-tender **Percentage Rate** Bids are invited by the Superintending Engineer. Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited **2 Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs. 14,23,654/- to Rs. 17,00,430/-**
4. **Class of Contractors- Class 'D & C'**
5. Intending bidders have to participate through **"On-Line"**bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **10.30 AM on Dt 18.03.2024 to 5.00 P.M on Dt 27.03.2024** for online bidding.
7. Bids received online will be opened at **11.00A.M. on Dt.28.03.2024**
8. Any corrigendum will be displayed in the websites https://www.tendersodisha.gov.in.

Further details can be seen from the **e-Procurement portal** https://www.tendersodisha.gov.in.

On behalf of Commissioner, BMC, Bhubaneswar
**Sd/- Superintending Englneer**
**Drainage Division, BMC**

OIPR-13002/11/0359/2324

---

C-3329

**Sambalpur Municipal Corporation**
**Sambalpur**
Email id: sambalpurm.hud@nic.in

**'e' Procurement Notice.**
***Bid Reference No: 47/SMC_SBP/2023-24***
***Tender ID- 2024_ORULB_102404***

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **1_ (One) number**
2. Estimated Costs: **64.44 lakhs**
3. Period of completion: As per NIT
4. Date and time of availability of the bid documents in the portal: From **11.00 A.M. of 14.03.2024 to 05.00 PM of 23.03.2024**
5. Last Date/ Time for receipt of bids in the portal: **05.00 PM of 23.03.2024**
6. Bids will be opened on: **11.00 AM of Dt. 27.03.2024**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

OIPR-13122/11/0096/2324

**Sd/- Commissioner**
**Sambalpur Municipal Corporation**

---

e-mail ID-eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**P. H. DIVISION, CUTTACK**

C-3333

e-procurement Notice for Bid identification No. SEPH-DIVISION, CTC- 56 of 2023-24

| | | |
|---|---|---|
| 1. Name of the work | :- | 2 Nos of P.H. work |
| 2. Estimated cost | :- | Rs. 342.71 Lakhs to 387.43 Lakhs |
| 3. Period of completion | :- | 6 months |
| 4. Date & time of availability of bid document in the portal | :- | From 11.00 AM of 27.03.2024 to 5.00PM of 12.04.2024 |
| 5. Last date / time of receipt of bids in the portal | :- | 5.00 PM of 12.04.2024 |
| 6. Date & time of opening of bids | :- | 11.00 AM of 15.04.2024 |
| 7. Name and address of the officer inviting bid | :- | The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email:- eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

**Sd/-Additional Chief Engineer**
**I/C Superintending Engineer**
**P.H. Division, Cuttack**

OIPR-13225/11/0016/2324

---

**OFFICE OF THE**
**SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA BHUBANESWAR**
**E-mail seec.bbsr2010 @ gmail.com**
**Bid Identification No.S.E.E.C (R&B) 41/2023-24**
**No. 997 /Date 13.03.2024**

B-1967

The Superintending Engineer, Electrical Circle (R&B) Odisha. Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt. 16.03.2024 at 05.00 P.M. to dt.26.03.2024 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.27.03.2024 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

OIPR-34006/11/0059/2324

**Sd/- Superintending Engineer**
**Electrical Circle (R&B) Odisha, BBSR**

---

XXVII-40

**ଓଡ଼ିଶା ସରକାର**
**ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**File No. 28** **dated.13.02.2024**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା- ବସନ୍ତପୁର, ଥାନା-ମାଲକାନଗିରି ନଂ-୧୨୨, ତହସିଲ- ମାଲକାନଗିରି, ଜିଲ୍ଲା- ମାଲକାନଗିରି**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୯.୦୩୪୬ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟ କରୁଥିବା ସଂସ୍ଥାର ନାମ-ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ କୋରାପୁଟ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ମାଲକାନଗିରି।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ୍ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ **NIL** ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

**ଭୂମି ଅନୁସୂଚୀ**
**ମୌଜା- ବସନ୍ତପୁର ଥାନା-ମାଲକାନଗିରି ନଂ- 122 , ତହସିଲ-ମାଲକାନଗିରି, ଜିଲ୍ଲା-ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୫୭ | ୭୨୪/୭୬୦ | ୦.୦୮୧୫ | ୦.୦୮୧୫ | ଧାନ ଦୁଇ | ମୋନିତାରା ବୈରାଗୀ ପି:କାଳି ଚରଣ ବୈରାଗୀ ଜା: ନମଶୁଦ୍ର ବା: ନିଜଗାଁ |
| ୭୯/୭୮୭ | ୭୧୫/୧୪୬୧/ ୧୫୧୯ | ୧.୦୦୦୮ | ୦.୭୬ | ଘରବାରି | ଅଜିତ କୁମାର ପାଢି ପି: ରାଘବ ପାଢି ଜା: ବ୍ରାହ୍ମଣ ବା: ପୁରୁଣା ପୋଷ୍ଟ ଅଫିସ ସାହି, ମାଲକାନଗିରି, ଦୁର୍ଗାପ୍ରସାଦ ପଟ୍ଟନାୟକ ପି: ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଜା: କରଣ ବା: ଦୁର୍ଗାଗୁଡି ସାହି, ମାଲକାନଗିରି, ରାୱାଲ ଚାନ୍ଦ ଟାୱାରି ପି: ମଗରାଜ ଚାନ୍ଦ ଟାୱାରି ଜା: ମାହେଶ୍ୱରୀ ବା: ମହେଶ୍ୱରୀ କଲୋନୀ, ମାଲକାନଗିରି |
| ୭୯/୧୨ | ୭୧୮/୭୯୭ | ୧.୦୦୦୭ | ୧.୦୦୦୧ | ଧାନ ଦୁଇ | ଅନିତା ବିଶ୍ୱାସ ସ୍ୱା:ବିମଳ କୃଷ୍ଣ ବିଶ୍ୱାସ ଜା: ନମସୁଦ୍ର ବା: ବସନ୍ତପୁର M. V. 43 |
| ୭୯/୨୮ | ୭୧୮/୮୦୬ | ୧.୨୨୮୧ | ୧.୨୨୮ | ଧାନ ଦୁଇ | ଅନିତ୍ରା ବିଶ୍ୱାସ ସ୍ୱା:ବିମଳ କ୍ରିଷ୍ଣ ବିଶ୍ୱାସ ଜା: ନମସୁଦ୍ର ବା: ନିଜଗାଁ |
| ୭୯/୬୩୧ | ୩୩୨/୧୩୪୭ | ୦.୯୨୪୨ | ୦.୯୨୪ | ଧାନ ଦୁଇ | ଶ୍ରୀ ଦୁର୍ଗା ପ୍ରସାଦ ତ୍ରୀପାଠି ପି:ଶ୍ରୀ ଘନଶ୍ୟାମ ତ୍ରୀପାଠି ଜା: ବ୍ରାହ୍ମଣ ବା: ତଳସାହି,ମାଲକାନଗିରି ପୋ/ଥା/ଜିଲ୍ଲା-ମାଲକାନଗିରି |
| ୭୯/୪୩୭ | ୩୦୮/୧୧୯୪ | ୧.୬୦୧ | ୧.୬୦୧ | ଡଙ୍ଗର ଏକ | ଗୋପି ମଜୁମଦାର ପି: କାତ୍ତିକ ମଜୁମଦାର, ସୁଚିତ୍ର ମଜୁମଦାର ସ୍ୱା: ଗୋପ ମଜୁମଦାର ଜା: ନମସୁଦ୍ର ବା: ଏମ୍ ଭି - 43 ଥାନା - ମାଲକାନଗିରି |
| ୭୯/୪୮୦ | ୩୧୮/୮୯୦ | ୦.୨୧ | ୦.୨୧ | ଧାନ ଦୋଫସଲି ଏକ | ଅସିମ ମଣ୍ଡଳ ପି:ସୁବଲ ମଣ୍ଡଳ ଜା: ନମସୁଦ୍ର ବା: ଏମ୍ ଭି - 42 ଥାନା - ମାଲକାନଗିରି |
| ୭୯/୫୭୯ | ୩୩୪/୧୦୬୫ | ୦.୩୫୮ | ୦.୩୫୮ | ଧାନ ଏକ | ଦୂର୍ଗା ପ୍ରସାଦ ତ୍ରୀପାଠୀ ପି:ଘନଶ୍ୟାମ ତ୍ରୀପାଠୀ ଜା: ବ୍ରାହ୍ମଣ ବା: ତଳସାହି , ମାଲକାନଗିରି ଥାନା - ମାଲକାନଗିରି |
| ୭୯/୩୮୪ | ୩୩୪/୧୦୭୨ | ୦.୩୫୬ | ୦.୩୫୬ | ଧାନ ଏକ | ଅମର ସରଦାର ପି:ଯୋଗେନ୍ଦ୍ର ନାଥ ସରଦାର ଜା: ନମସୁଦ୍ର ବା: ଏମ୍ ଭି - 43 ଥାନା - ମାଲକାନଗିରି |
| ୭୯/୯୦ | ୩୪୩/୮୬୪ | ୦.୧୫୬ | ୦.୧୫୬ | ଧାନଦୁଇ ଦୋଫସଲ | ନାରାୟଣ ଗୋସ୍ୱାମି ପି:ରେବତି ଗୋସ୍ୱାମି ଜା: ବ୍ରାହ୍ମଣ ବା: M.V-43 |
| ୭୯/୧୯୫ | ୩୪୩/୮୬୭ | ୦.୦୯୪ | ୦.୦୯୪ | ଧାନ ଦୁଇ | ଦିଲ୍ଲିପ କୁମାର ଦେବନାଥ ପି:ରମେଶ ଚନ୍ଦ୍ର ଦେବନାଥ ଜା: ଦେବନାଥ ବା: M.V-43 |
| ୭୯/୧୬୬ | ୩୪୩/୮୭୨ | ୦.୧୫୩ | ୦.୧୫୩ | ଧାନ ଦୁଇ | ଦିଲିପ ଦେବନାଥ ପି:ରମେଶ ଚ୍ନ୍ଦ୍ର ଦେବନାଥ ଜା: ଦେବନାଥ ବା: ନିଜ ଗାଁ |
| ୭୯/୩୫୪ | ୩୨୮/୧୧୩୮ | ୦.୭୯୧ | ୦.୭୯୧ | ଧାନ ଏକ | ସାନ୍ତ ମଣ୍ଡଳ ପି:ଜତିନ ମଣ୍ଡଳ ଜା: ନମସୁଦ୍ର ବା: M.V-43 |
| ୭୯/୫୦୨ | ୩୪୯/୮୬୮/୧୨୪୪ | ୦.୦୪୯ | ୦.୦୪୯ | ଧାନ ଦୁଇ | କ୍ରିଷ୍ଣପଦ ବିଶ୍ୱାସ ପି:ଉପେନ୍ଦ୍ର ବିଶ୍ୱାସ ଜା: ନମସୁଦ୍ର ବା: ଏମ୍ ଭି - 18 ଥାନା - ମାଲକାନଗିରି |
| ୭୯/୫୧୪ | ୩୪୯/୮୬୮/୧୨୫୩ | ୦.୦୯୯ | ୦.୦୯୯ | ଧାନ ଦୁଇ | ପରିମଳ ମିସ୍ତ୍ରୀ ପି:ରମେଶ ମିସ୍ତ୍ରୀ ଜା: ନମସୁଦ୍ର ବା: ମାଲକାନଗିରି ଥାନା - ମାଲକାନଗିରି |
| ୭୯/୯୧ | ୩୪୯/୮୬୮ | ୦.୫୩୪ | ୦.୫୩୪ | ଧାନ ଦୁଇ | ପବିତ୍ର ଗୋସ୍ୱାମି ପି:ରେବତି ଗୋସ୍ୱାମି ଜା: ବ୍ରାହ୍ମଣ ବା: M.V-43 |
| ୭୯/୯୦ | ୩୪୯/୮୬୫ | ୦.୪୬୭ | ୦.୪୬୭ | ଧାନ ଦୁଇ | ନାରାୟଣ ଗୋସ୍ୱାମି ପି:ରେବତି ଗୋସ୍ୱାମି ଜା: ବ୍ରାହ୍ମଣ ବା: M.V-43 |
| ୭୯/୪୨୪ | ୨୯୬/୧୧୩୫ | ୧.୦୦୮ | ୦.୧୭୩ | ଧାନ ଏକ | ମିତା ଚାନ୍ଦ ସ୍ୱା:ରବିନ୍ଦ୍ରନାଥ ଚାନ୍ଦ ଜା: କ୍ଷେତ୍ରିୟ ବା: ଏମ୍ ଭି - 43 ମାଲକାନଗିରି ଥାନା - ମାଲକାନଗିର |
| | ମୋଟ | | ୯.୦୩୪୬ | | |

OIPR-24324/14/0039/2324







## ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଛବି ହଜିବା ମାମଲା

# ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ୩ ସପ୍ତାହ ସମୟ ନେଲେ ସରକାର

**କଟକ, ୧୫।୩:ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଛବି ହଜିବା ମାମଲାରେ ହାଇକୋର୍ଟରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ତଥା ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ପୁଣି ସମୟ ନେଲେ ସରକାର। କମିଶନଙ୍କ ରିପୋର୍ଟ ପ୍ରସଙ୍ଗରେ ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଦାଖଲ ପାଇଁ ୩ ସପ୍ତାହ ସମୟ ନେଇଛନ୍ତି ସରକାର। ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଛବି ହଜିବା ଘଟଣାରେ ଗଠିତ ହୋଇ ଥିଲା ଜଷ୍ଟିସ ରଘୁବୀର ଦାସ କମିଶନ। ଆବେଦନକାରୀ କୋର୍ଟଙ୍କୁ ଜଣାଇଥିଲେ ଯେ ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ କେବେ ସାର୍ବଜନୀନ କରାଯିବ ସେନେଇ କୌଣସି ଜବାବ ଦାଖଲ କରୁନାହାନ୍ତି। ସରକାର ବାରମ୍ବାର ସମୟ ମାଗୁଛନ୍ତି, ତେବେ କୋର୍ଟ ଏହି ମାମଲାର ଶୁଣାଣି କରି କେବେ ଏହାର ଜବାବ ରଖିବେ ସେନେଇ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାୟର କରାଯାଇଥିବା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେକ୍ସନ ୩(୪) ତଦନ୍ତ କମିଶନ ୧୯୫୨ ଧାରାକୁ ପାଳନ କରିବା, ରତ୍ନଭଣ୍ଡାରରେ ଥିବା



ସାମଗ୍ରୀ ଗୁଡିକର ଯାଞ୍ଚ କରିବା ଏବଂ ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଏଏସଆଇକୁ ଦାୟିତ୍ୱ ଦିଆଯାଉ। ଏହି ୩ଟି ପ୍ରସଙ୍ଗକୁ ନେଇ ଆବେଦନକାରୀ ହାଇକୋର୍ଟରେ ପାର୍ଥନା କରିଥିଲେ। ଆବେଦନକାରୀ ଆବେଦନରେ ଦର୍ଶାଇଛନ୍ତି ଯେ, ୨୦୧୮ ମସିହା ଜୁନ ୬ ତାରିଖରେ ଜଷ୍ଟିସ ରଘୁବୀର ଦାସଙ୍କ କମିଶନ ଗଠନ କରାଯାଇଥିଲା। ୨୯ନଭେମ୍ବର, ୨୦୧୮ ତାରିଖରେ ତଦନ୍ତ କମିଶନଙ୍କ ରିପୋର୍ଟ ଦାଖଲ କରିଥିଲେ। ମାତ୍ର ଏହି ରିପୋର୍ଟ ସାର୍ବଜନୀନ ମଧ୍ୟ କରାଯାଇନାହିଁ। ସେକ୍ସନ ୩(୪)କୁ ରାଜ୍ୟ ସରକାର ଉଲଂଘନ କରିଛନ୍ତି ବୋଲି ଆବେଦନକାରୀ କୋର୍ଟଙ୍କୁ ଅବଗତ କରିଛନ୍ତି। ଏହି ନିୟମ ଅନୁଯାୟୀ ତଦନ୍ତ କମିଶନଙ୍କ ରିପୋର୍ଟ ଦାଖଲ ହେବାର ୬ ମାସ ମଧ୍ୟରେ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପିତ କରିବା କଥା। ମାତ୍ର ଏହାକୁ ଉଲ୍ଲଂଘନ କରିଛନ୍ତି ସରକାର। ସେହିପରି ରତ୍ନଭଣ୍ଡାରର ସ୍ଥିତି କିପରି ରହିଛି, କେତେ ରତ୍ନରହିଛି ଏବଂ ସେଗୁଡିକ କେଉଁ ଅବସ୍ଥାରେ ରହିଛି ସେଗୁଡିକ ମଧ୍ୟ ଯାଞ୍ଚ କରାଯାଇନାହିଁ। ୧୯୭୮ ମସିହାରୁ ସେଗୁଡିକର ଯାଞ୍ଚ କରାଯାଇ ନଥିବା ବେଳେ ଯାଞ୍ଚ କରିବାକୁ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି। କେବଳ ସେତିକି ନୁହେଁ ରତ୍ନଭଣ୍ଡାରର ଅବସ୍ଥା ଅତି ଦୁର୍ବଳ ଅବସ୍ଥାରେ ରହିଛି। ଖରା ଦିନରେ ବି ସେଥିରୁ ପାଣି ଝରୁଛି। ତେବେ ତାହାର ରକ୍ଷଣାବେକ୍ଷଣ ପାଇଁ ଏଏସଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି।



ଭୁବନେଶ୍ୱର : ରମ୍‌ଜାନ୍ ମାସର ପ୍ରଥମ ଶୁକ୍ରବାର ଦିନ ୟୁନିଟ୍-୪ ମସ୍‌ଜିଦ୍‌ରେ ସମୂହ ନମାଜପାଠ।(ଫଟୋ : ସମ୍ବାଦକଳିକା)

# ଏଟିଏମ୍‌ରେ ଇ-ଡିଭାଇସ୍ ଲଗାଇ ଠକେଇ



**ଭୁବନେଶ୍ୱର, ୧୫।୩:ନ୍ୟୁଜ୍‌ବ୍ୟୁରୋ**

ଏଟିଏମ୍ କାଉଣ୍ଟରରେ ଏବେ ନୂଆ ଧରଣର ଠକେଇ ଚାଲିଛି। ଠକମାନେ ରିମୋଟ୍ କଣ୍ଟ୍ରୋଲ ଇଲେକ୍ଟ୍ରୋନିକ ଡିଭାଇସ୍ ଓ ହେଲ୍ପଲାଇନ୍ ନମ୍ବର ସହାୟତାରେ ଲୋକଙ୍କୁ ଫସାଇବା ସହ ଡେବିଟ୍ କାର୍ଡର ଚିପ୍ ନେଇ ଟଙ୍କା ଲୁଟୁଛନ୍ତି। ଜଣେ ଆକାଉଣ୍ଟାଣ୍ଟ୍‌ଙ୍କ ଠାରୁ ୧.୬୬ ଲକ୍ଷ ଟଙ୍କା ଠକିନେବା ମାମଲାର ତଦନ୍ତ କରି ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଅସଦ୍ ଅଲ୍ଲୀ (୩୩)। ତାଙ୍କଠାରୁ ମୋବାଇଲ, ୧୧ ଡେବିଟ୍ କାର୍ଡ ଓ ୪୦ ହଜାର ଟଙ୍କା ଜବତ ହୋଇଛି। ଅସଦଙ୍କ ଘର ରାଜ୍ୟ ବାହାରେ ହୋଇଥିବାବେଳେ ତାଙ୍କ ପ୍ରକୃତ ଠିକଣା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। କୋର୍ଟଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟ୍‌ରେ ଏଭଳି ଅନେକ ଠକିଥିବା ପୋଲିସ ଜାଣିବାକୁ ପାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ଗିରଫ କରିବାକୁ ଚେଷ୍ଟା ଚାଲିଥିବା ଖବରଦାତା ସମ୍ମିଳନୀରେ ଜୋନ ଏସିପି ଗୌତମ କିଷାନ କହିଛନ୍ତି।



ଭୁବନେଶ୍ୱର : ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। (ଫଟୋ : ସମ୍ବାଦକଳିକା)

# ପୁଣି ଏସସିବି ମେଡିକାଲରୁ ଦଲାଲ ଗିରଫ

**କଟକ, ୧୫।୩:ନ୍ୟୁଜ୍‌ବ୍ୟୁରୋ**




ପୁଣି କଟକ ଏସସିବି ମେଡିକାଲରୁ ଦଲାଲ ଗିରଫ। ଦୁଇ ଜଣ ଦଲାଲଙ୍କୁ ଗିରଫ କଲା ମଙ୍ଗଳାବାଗ ଥାନା ପୋଲିସ। ଗିରଫ ଦୁଇ ଜଣ ଦଲାଲ ହେଲେ ଗଞ୍ଜାମ ଜିଲ୍ଲାର ଭରତ କୁମାର ଦାସ ଓ ଯାଜପୁର ଜିଲ୍ଲାର ବିପିନ ମୁଣ୍ଡ। ଉଭୟ ଏସ୍‌ସିବି ମେଡ଼ିକାଲର ବିଭିନ୍ନ ବିଭାଗ ରୋଗୀଙ୍କୁ ଘରୋଇ ହସ୍ପିଟାଲ ପଠେଇବା ପାଇଁ ଯୋଜନା କରୁଥିଲେ। ଭଲ ସେବା ଆଉ ଭଲ ଚିକିତ୍ସା ସେବା ଯୋଗାଇବା ଲୋଭ ଦେଖାଇ ଉପାନ୍ତ ଓ ଅନ୍ୟ ଜିଲ୍ଲାରୁ ଆସୁଥିବା ରୋଗୀଙ୍କୁ ନିଜ ଜାଲରେ ଫସାଉଥିଲେ ଏହି ଦଲାଲ ଦ୍ୱୟ। ସାଦା ପୋଷାକରେ ପୋଲିସ ଟିମ୍ ଯାଇ ଏହି ଦଲାଲଙ୍କୁ ଗିରଫ କରିଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୫୫ ଖିଲାପକାରୀଙ୍କ ଉପରେ ୨୯.୫୦ କୋଟି ବକେୟା

**ଭୁବନେଶ୍ୱର, ୧୫।୩:ନ୍ୟୁଜ୍‌ବ୍ୟୁରୋ**

ଏବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ରାଜସ୍ୱ ଆଦାୟ ଅତି ନଗଣ୍ୟ ରହିବ। ଆର୍ଥିକ ବର୍ଷ ପୂରିବାକୁ ଆଉ ମାତ୍ର ୧୫ଦିନ ଥିବାବେଳେ ଏବେସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୬୦% ରାଜସ୍ୱ ଆଦାୟ ହୋଇପାରି ନାହିଁ। ଗୋଟିଏ ପଟେ ଟ୍ୟାକ୍ସ କଲେକ୍ଟର ତଥା ୱାର୍ଡ ଅଫିସରଙ୍କୁ ଟାର୍ଗେଟ ପୂରଣ କରିବାକୁ ପରୱାନା ଜାରି ହୋଇଥିବାବେଳେ ସରକାରୀ କାର୍ଯ୍ୟକ୍ରମ ଚଳାଇବା ସହ ଏବେ ସେମାନଙ୍କୁ ନିର୍ବାଚନ ଲାଗି ପ୍ରସ୍ତୁତ କରାଯାଉଛି।

ବିଶେଷକରି ୩ ଜୋନ୍‌ର କେବଳ ୫୫ ବଡ଼ବଡ଼ିଆ ଖିଲାପକାରୀଙ୍କ ଉପରେ ୨୯.୫୦ କୋଟି ଟଙ୍କାର ହୋଲ୍ଡିଂ ଟିକସ ବକେୟା ପଡ଼ି ରହିଛି। ବିଏମ୍‌ସି ଏମାନଙ୍କ ତାଲିକା ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିବା ସହ ଏହି ତଥ୍ୟ ଦେଇଛି। ଖିଲାପକାରୀଙ୍କ ତାଲିକାରେ କେତେକ ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର, ଘରୋଇ ସ୍କୁଲ-କଲେଜ ଓ ଘରୋଇ କମ୍ପାନୀଙ୍କ ନାମ ରହିଛି। ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସିର ୩ ଜୋନ୍‌ରେ ୭,୬୪,୪୨, ୬୫୧.୧୭ ଟଙ୍କାର




ହୋଲ୍ଡିଂ ଟିକସ ବକେୟା ରହିଛି। ଉତ୍ତର ଜୋନ୍‌ରେ ୧୬ ହୋଲ୍ଡିଂ ଟିକସ ଖିଲାପକାରୀଙ୍କ ଉପରେ ୮୬ଲକ୍ଷ ୯୫ ହଜାର ୧୯୯ ଟଙ୍କା ୮୬ ପଇସା, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ସର୍ବାଧିକ ୨୯ଜଣ ଖିଲାପକାରୀ ଥିବାବେଳେ ଏଠାରେ ୭ କୋଟି ୩୧ ଲକ୍ଷ ୯୨ ହଜାର ୩୭୮ଟଙ୍କା ୦୯ ପଇସା ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ୧୦ ଖିଲାପକାରୀଙ୍କ ଉପରେ ୩୧ ଲକ୍ଷ ୮୧ ହଜାର ୭୩ ଟଙ୍କା ୨୨ ପଇସା ହୋଲ୍ଡିଂ ବାକି ପଡ଼ିଛି। ପୂର୍ବରୁ ମଧ୍ୟ ଏହି ଖିଲାପକାରୀ ମୋଟ୍ ୨୦ କୋଟି ୯୯ ଲକ୍ଷ ୭୨ ହଜାର ୯୯୨ଟଙ୍କା ୩୩ ପଇସା ହୋଲ୍ଡିଂ ଟିକସ ବକେୟା ଭାବେ ପକାଇ ରଖିଛନ୍ତି। ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ପୂର୍ବରୁ ଏହି ଖିଲାପକାରୀ ମାନେ ୧୫,୧୫,୦୬,୯୫୫.୨ ଟଙ୍କାର ହୋଲ୍ଡିଂ ବକେୟା ପକାଇ ରଖିଥିବାବେଳେ ଉତ୍ତର ଜୋନ୍‌ରେ ୩,୭୨,୭୮, ୮୧୧.୨୬ ଟଙ୍କା ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ସର୍ବନିମ୍ନ ୨,୧୧,୮୭, ୨୨୫.୮୭ ଟଙ୍କାର ହୋଲ୍ଡିଂ ପଡ଼ି ରହିଥିବା ବିଏମ୍‌ସି ତଥ୍ୟରୁ ସୂଚନା ମିଳିଛି। ଚଳିତ ଓ ପୂର୍ବ ଆର୍ଥିକବର୍ଷର ବକେୟାକୁ ମିଶାଇଲେ ବିଏମ୍‌ସି ଏହି ୫୫ଜଣ ଖିଲାପୀଙ୍କଠାରୁ ୨୯,୫୦,୪୧,୬୪୩.୫୧ ଟଙ୍କାର ବକେୟା ରାଜସ୍ୱ ପାଇବ। ଦକ୍ଷିଣ-ପଶ୍ଚିମ ଜୋନ୍‌ର ଖିଲାପୀଙ୍କଠାରୁ ବିଏମ୍‌ସି ୨୨,୪୬,୯୯,୩୩୩.୩ ଟଙ୍କା ପାଇବାକୁ ଥିବାବେଳେ ଉତ୍ତରରୁ ୪,୫୯,୭୪,୦୧୧.୧୨ ଟଙ୍କା ଓ ଦକ୍ଷିଣ-ପୂର୍ବରୁ ୨,୪୩,୬୮, ୨୯୯.୦୯ ଟଙ୍କା ବକେୟା ହୋଲ୍ଡିଂ ଟିକସ ବାବଦକୁ ପାଇବ। ମାତ୍ର ଖିଲାପୀମାନେ ବିଭିନ୍ନ ଆଳ ଦେଖାଇ ଏହି ଟିକସ ପୈଠ କରୁ ନ ଥିବାରୁ ବିଏମସି ତା'ର ରାଜସ୍ୱ ହରାଉଛି।

# ଏମ୍ସ ଭୁବନେଶ୍ୱରକୁ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ ପୁରସ୍କାର



**ଭୁବନେଶ୍ୱର, ୧୫।୩:ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ଏସିଆ ସେଫ୍ ସର୍ଜିକାଲ ଇମ୍‌ପ୍ଲାଣ୍ଟ କନ୍‌ସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର-୨୦୨୩ ମିଳିଛି। ହସ୍ପିଟାଲରେ ବ୍ୟବହୃତ ବିଭିନ୍ନ ଯାନ୍ତ୍ରିକ ଉପକରଣର ଗୁଣବତ୍ତା ଏବଂ ପ୍ରତିରୋପଣ ପ୍ରକ୍ରିୟାକରଣକୁ ନେଇ ହେଉଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଉଛି। ହସ୍ପିଟାଲର ସେଣ୍ଟ୍ରାଲ ଷ୍ଟେରାଇଲ ସେବା ବିଭାଗ (ସିଏସ୍‌ଏସ୍‌ଡି)ରେ ବିଭିନ୍ନ ଯନ୍ତ୍ର ଏବଂ ପ୍ରତିରୋପଣର ପୁନଃ ପ୍ରକ୍ରିୟାକରଣ ପାଇଁ ସର୍ବୋଚ୍ଚ ମାନ ନିର୍ଦ୍ଧାରଣ ଏବଂ ତଦାରଖ କରିବାର ପ୍ରକ୍ରିୟା ସ୍ୱରୂପ ଏମ୍ସକୁ ଏଥିପାଇଁ ଚୟନ କରାଯାଇଛି। ଏହି ପ୍ରକ୍ରିୟାରେ ଏସିଆ ମହାଦେଶରୁ ୨୮ ସୁପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ମାତ୍ର ଏମ୍ସ ଭୁବନେଶ୍ୱର ସର୍ବୋତ୍ତମ ଡାକ୍ତରଖାନା ଭାବେ ପ୍ରଥମ ସ୍ଥାନ ଅଧିକାର କରିଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ, ଓଟି କମିଟି ଅଧ୍ୟକ୍ଷ, ଡିନ୍ ଅଧ୍ୟାପକ, ଅଧ୍ୟାପିକା, ସିଏସଏସ୍‌ଡିର କର୍ମଚାରୀ, ବିଭିନ୍ନ ଓଟିର ନର୍ସିଂ ଇନ୍ ଚାର୍ଜ ଏବଂ ସଂକ୍ରମଣ ନିୟନ୍ତ୍ରଣ କମିଟିର ସଦସ୍ୟମାନେ ପୁରସ୍କାର ଗ୍ରହଣ କରିଥିଲେ। ଭର୍ଚ୍ୟୁଆଲରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଫେସର ସେଟୋୱିଙ୍ଗ ହଙ୍ଗ, ପାଟ୍ରିସିଆ ସିଙ୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏବେ ବଜାରରେ ମିଳୁଛି...

'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ

**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।

**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।

**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା–୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)